# ଆଜି ଶ୍ରୀମାର୍ଗ, ଶ୍ରୀସେତୁରେ ପରୀକ୍ଷାମୂଳକ ଯାତ୍ରା

**ପୁରୀ, ୧୪।୧(ସମିସ):** ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍ (ଶ୍ରୀସେତୁ)ରେ ଗଡ଼ିବ ଗାଡ଼ି। ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି ଶ୍ରୀସେତୁ। ସେହିପରି ନବନିର୍ମିତ ଶ୍ରୀମାର୍ଗ ବି ଭକ୍ତଙ୍କ ସ୍ୱାଗତକୁ ଅପେକ୍ଷା କରିଛି। ଶ୍ରୀକ୍ଷେତ୍ରକୁ ଗମନାଗମନର ମୁଖ୍ୟ ମାଧ୍ୟମ ପାଲଟିବାକୁ ଯାଉଥିବା ଏହି ଦୁଇ ବୃହତ୍ ପ୍ରକଳ୍ପରେ ସୋମବାର ହେବ ଟ୍ରାଏଲ୍ ରନ୍। ଏଥିପାଇଁ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି।

ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଡିଜାଇନର ଶ୍ରୀସେତୁ ରାଜ୍ୟରେ ପ୍ରଥମକରି ନିର୍ମାଣ ହୋଇଛି। ଏହାର ନିର୍ମାଣ ଡିଜାଇନ ବି ବଡ଼ ବିଚିତ୍ର ଶୈଳୀରେ ହୋଇଛି। ହାତୀ ଶୁଣ୍ଢ ଭଳି ଏହି ସେତୁ ଦୂରରୁ ଦେଖାଯିବ। ପୁରୀକୁ ଆସୁଥିବା ଦେଶ ବିଦେଶର ଯାତ୍ରୀ, ପର୍ଯ୍ୟଟକଙ୍କ ପାଇଁ ଏହା ନିଶ୍ଚିତ ମୁଖ୍ୟ ଆକର୍ଷଣ ପାଲଟିବ। ଏହାର ବିଶେଷତ୍ୱ ହେଉଛି ପୁରୀକୁ ଆସୁଥିବା ସମସ୍ତ ଚାରିଚକିଆ ମଙ୍ଗଳାଘାଟ ବାଇପାସ୍ ଦେଇ ସିଧାସଳଖ ଶ୍ରୀସେତୁ ମାଧ୍ୟମରେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସର ବହୁତଳ ପାର୍କିଂରେ ପହଞ୍ଚିବେ। ସେଠାରେ ଗାଡ଼ି ପାର୍କିଂ କରିବେ। ଜଗନ୍ନାଥ ବଲ୍ଲଭ ବହୁତଳ ପାର୍କିଂରେ ୧୨ ଶହରୁ ଅଧିକ କାର୍ ଏବଂ ୩୦୦ରୁ ଉର୍ଦ୍ଧ୍ୱ



**୧୬ରେ ହେବ କାର୍‌କେଡ ରିହର୍ସାଲ**

ବାଇକ୍ ରହିବାର ବ୍ୟବସ୍ଥା ରହିଛି। ଅବଢ଼ା ଯୋଜନାରେ ପ୍ରାୟ ୧୬୧.୪୩ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଛି ୨ କିମି ୩୦୦ ମିଟର ଲମ୍ବର ଶ୍ରୀସେତୁ। ଏହାର ନିର୍ମାଣ ନିମନ୍ତେ ସରକାରୀ ଓ ବେସରକାରୀ ଖାତାରୁ ମୋଟ ୩୭ ଏକର ୯୮୪ ଡେସିମିଲ ଜମି ଅଧିଗ୍ରହଣ କରାଯାଇଛି। ୪ଟି ମୌଜା ସମଙ୍ଗ, ମାଟିତୋଟା, ମାର୍କଣ୍ଡେଶ୍ୱର ସାହି ନଂ-୧ ଓ ଦାଣ୍ଡିମାଳ ସାହିରୁ ଜମି ଅଧିଗ୍ରହଣ ହୋଇଛି। ମୋଟ ଜମି ମଧ୍ୟରୁ ବେସରକାରୀ ଜମି ୩୪ ଏକର ୨୪୬ ଡେସିମିଲ ଥିବା ବେଳେ ସରକାରୀ ଜମି ୩ ଏକର ୭୩୮ ଡେସିମିଲ ରହିଛି।

ସେହିପରି ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର (ଜେବିପିସି)ରୁ ଦୋଳବେଦୀକୁ ସଂଯୋଗ ହୋଇଥିବା ନୂଆରାସ୍ତା ହେଉଛି 'ଶ୍ରୀଦାଣ୍ଡ'। ଏହି ରାସ୍ତାର ଲମ୍ବ ୮୦୦ ମିଟର, ପ୍ରସ୍ଥ ୧୨ ମିଟର ଓ ମଧ୍ୟରେ ଦୁଇଟି ଛକ ପଡ଼ିବ। ଏଥିରେ ଫୁଟ୍‌ପାଥ, ଛୋଟ ସେଡ୍, ବ୍ୟାଟେରି ଅଟୋ ଚଳାଚଳ ସୁବିଧା କରାଯାଉଛି। ଏଥିପାଇଁ ୧୪ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ଏହି ନୂଆ ରାସ୍ତା ପାଇଁ ଚୁଡଙ୍ଗସାହିର ୬୬ ପରିବାର ଓ ଦାଣ୍ଡିମାଳସାହିର ୧୮ ପରିବାର ଏହିପରି ମୋଟ୍ ୮୪ ପରିବାର ପ୍ରଭାବିତ ହୋଇଛନ୍ତି। ହେଲେ ମହାପ୍ରଭୁଙ୍କ କାମ ପାଇଁ ସାହିବାସୀ ସେମାନଙ୍କ ଭିଟାମାଟିକୁ ସମର୍ପି ଦେଇଛନ୍ତି। ସରକାରଙ୍କ କଥାରେ ହଁ ଭରି ସେମାନଙ୍କ ସମର୍ପଣ ଭାବର ପ୍ରମାଣ ଦେଇଛନ୍ତି।

୧୭ ତାରିଖ ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକପ୍ଟରରେ ଆସି ଶ୍ରୀସେତୁ ନିକଟ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ଶ୍ରୀସେତୁ ଦେଇ ଶ୍ରୀମାର୍ଗରେ ଆସି ପ୍ରକଳ୍ପ ଲୋକାର୍ପଣ ସ୍ଥଳରେ ପହଞ୍ଚିବେ। ଏଥିପାଇଁ ଆସନ୍ତା ୧୬ ତାରିଖରେ କାର୍‌କେଡ ରିହର୍ସାଲ ହେବ ବୋଲି ସୂଚନା ମିଳିଛି।

## 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'ର ଲୋଗୋ ଷ୍ଟିକରିଂ କଲା ଭୁବନେଶ୍ୱର

**ଭୁବନେଶ୍ୱର, ୧୪।୧(ସମିସ):** ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁରର ଇମ୍ଫାଲ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱରରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଲୋଗୋ ଷ୍ଟିକରିଂ ଆରମ୍ଭ ହୋଇଛି। ରାଜ୍ୟ କଂଗ୍ରେସର ଶତାଧିକ କର୍ମୀ ଓ ସମର୍ଥକ ଭୁବନେଶ୍ୱରରେ ଚାରି ଚକିଆ ଯାନରେ ଷ୍ଟିକରିଙ୍ଗ କରିଥିଲେ। ପାଖାପାଖି ୧୦୦ ରୁ ଉର୍ଦ୍ଧ୍ୱ ୪ ଚକିଆ ଯାନରେ ଷ୍ଟିକରିଂ କରାଯାଇଛି। କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ ଗଣମାଧ୍ୟମକୁ କହିଥିଲେ ଯେ ଏହି ଯାତ୍ରା ମଣିପୁର ଇମ୍ଫାଲଠାରୁ ଆରମ୍ଭ ହୋଇ ମହାରାଷ୍ଟ୍ର ମୁମ୍ବାଇଠାରେ ସମାପ୍ତ ହେବ। ଏହି ଯାତ୍ରା ଦୀର୍ଘ ୬୬ ଦିନ ଧରି ଚାଲିବ। ୧୫ଟି ରାଜ୍ୟ ୧୧୦ଟି ଜିଲ୍ଲା ଅତିକ୍ରମ କରିବ। ଓଡ଼ିଶାରେ ୪ ଦିନ ଧରି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଦେଇ ୩୪୧ କିଲୋମିଟର ଅତିକ୍ରମ କରିବ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ଜୟ ଜଗନ୍ନାଥ ଅର୍ପଣ ରଥକୁ ଜଣେ ଶ୍ରଦ୍ଧାଳୁ ଗୁଆ ଓ ଅକ୍ଷତ ପ୍ରଦାନ କରୁଛନ୍ତି



ରବିବାର ଦୁବାଇ ଗସ୍ତ ପୂର୍ବରୁ ମିଶନ ଶକ୍ତି ମହିଳା ପ୍ରତିନିଧିମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି

**କାଳିଆ ପ୍ରେମରେ ବନ୍ଧା ଜୀବନ**

# ଚାଲି ଚାଲି ମଧ୍ୟପ୍ରଦେଶରୁ ପୁରୀ



**ଗଣିଆ,୧୪।୧(ସମିସ):** ଜଗା ଦର୍ଶନର ଅଦ୍ୟମ ଇଚ୍ଛାଶକ୍ତି ଆଗରେ ହାର ମାନିଛି ବୟସ। ଶ୍ରୀକ୍ଷେତ୍ର ଧାମରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ସୁଦୂର ମଧ୍ୟପ୍ରଦେଶରୁ ୪ ଜଣିଆ ତୀର୍ଥଯାତ୍ରୀ ଦଳ ପୁରୁଣା ଜଗନ୍ନାଥ ସଡ଼କରେ ପାଦରେ ଚାଲି ଚାଲି ପୁରୀ ଅଭିମୁଖେ ଯାଉଛନ୍ତି। ଏହି ଯାତ୍ରୀ ଦଳ ଶନିବାର ସକାଳୁ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ଛାମୁଣ୍ଡିଆଠାରେ ପହଞ୍ଚଛନ୍ତି। ଏହି ତୀର୍ଥ ଯାତ୍ରୀମାନେ ହେଲେ ମଧ୍ୟପ୍ରଦେଶର ବିଦିଶା ଜିଲ୍ଲା ମହିପାଲ ସିଂ(୬୪), ରାମସିଂ ଯାଦବ(୬୨), ତାମ ସିଂ ଯାଦବ(୬୫), ନରେନ୍ଦ୍ର ପ୍ରସାଦ ପଟେଲ (୬୭)। ବୟସର ଅପରାହ୍ନରେ ପଦାର୍ପଣ କରିଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଯୋଗୁଁ ଏମାନେ କୌଣସି ଅସୁସ୍ଥ କିମ୍ବା ରାସ୍ତାରେ ଥକି ପଡ଼ି ନାହାନ୍ତି। ଗତ ଡିସେମ୍ବର ୧୪ ତାରିଖଠାରୁ ମଧ୍ୟପ୍ରଦେଶରୁ ବାହାରି ଦୀର୍ଘ ୩୦ ଦିନ ଧରି ପାଦରେ ଚାଲିଚାଲି ପୁରୁଣା ଜଗନ୍ନାଥ ସଡ଼କ ଦେଇ ପୁରୀ ଅଭିମୁଖେ ଚାଲିଛନ୍ତି। ଶୀତ ଓ ପାଦର କଷ୍ଟ ପାଇଁ କେତେଜଣ ପାଦରେ କପଡ଼ା ବାନ୍ଧିଥିବା ଦେଖିବାକୁ ମିଳିଛି। ସେମାନେ ଖାଦ୍ୟ ପାଇଁ କାହା ଉପରେ ନିର୍ଭର ନକରି ନିଜର ରାସନ ସାମଗ୍ରୀ, ବସ୍ତ୍ର ମୁଣ୍ଡରେ ବୋହିବା ସହ ହାତରେ ବାଡ଼ି ଓ ଝଣ୍ଡା ଧରିବା ସହ 'ଜୟ ଜଗନ୍ନାଥ' ଧ୍ୱନି ଦେଇ ବାଟ ଚାଲିଛନ୍ତି। ଛାମୁଣ୍ଡିଆ ପଞ୍ଚାୟତ ବେଣ୍ଟପଡ଼ା ଗ୍ରାମ ନିକଟରେ ଶ୍ରୀ ଜଗନ୍ନାଥ ଅର୍ପଣ ରଥକୁ ଦେଖି ୪ ଯାତ୍ରୀ ରାସ୍ତା ଉପରେ ସାଷ୍ଟାଙ୍ଗ ପ୍ରଣିପାତ ସହ ବନ୍ଦାପନା କରି ନଡ଼ିଆ ଓ ଅର୍ଥ ଦାନ କରିଥିଲେ। ଏହି ଯାତ୍ରୀଙ୍କର ଜଗନ୍ନାଥଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଦେଖି ସ୍ଥାନୀୟ ଜନସାଧାରଣ ହରିବୋଲ ସହ ହୁଳହୁଳି ଧ୍ୱନି ଦେଇଥିଲେ। ପୁରୀରେ ପହଞ୍ଚି ଜଗା ଦର୍ଶନ କରିବା ସହ କିଛି ଦିନ ବିଶ୍ରାମ ନେଇ ଟ୍ରେନ ଯୋଗେ ଘରକୁ ଫେରିବା ଲକ୍ଷ୍ୟ ରଖିଥିବା ରାମ ସିଂ କହିଛନ୍ତି। ଏହି ତୀର୍ଥଯାତ୍ରୀ ଦଳ ପ୍ରଥମ କରି ଜଗନ୍ନାଥଙ୍କ ଦର୍ଶନ ଅଭିମୁଖେ ବହାରିଥିବାରୁ ସେମାନଙ୍କ ମନରେ ପ୍ରବଳ ଉତ୍କଣ୍ଠା ଭରି ରହିଥିବା ଦେଖିବାକୁ ମିଳିଛି।

## ଦେଶ-ବିଦେଶ

### ବିଚାରପତିଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଲେ ପତ୍ନୀ

**କାଠମାଣ୍ଡୁ,୧୪।୧(ଏଜେନ୍ସି):** ନିଜ ବିଚାରପତି ସ୍ୱାମୀଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଆତ୍ମଦାହ ଉଦ୍ୟମ କରିଛନ୍ତି ପତ୍ନୀ। ଏଭଳି ଘଟଣା ରବିବାର ନେପାଳ ସୁପ୍ରିମକୋର୍ଟ ପରିସରରେ ଦେଖିବାକୁ ମିଳିଛି।ବିଚାରପତି ଜଷ୍ଟିସ୍ ଭୁବନ ଗିରିଙ୍କ ପତ୍ନୀ ଆରତୀ ଗିରି ରବିବାର ମଧ୍ୟାହ୍ନରେ ନେପାଳ ସୁପ୍ରିମକୋର୍ଟକୁ ଆସି ନିଜ ଉପରେ ପେଟ୍ରୋଲ ଢାଳିଥିଲେ। ତେବେ ସେଠାରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କ ପଦକ୍ଷେପ ଯୋଗୁଁ ଆରତୀ ନିଜ ଉଦ୍ୟମରେ ବିଫଳ ହୋଇଥିଲେ। ସେ ଦେହରେ ନିଆଁ ଲଗାଇବା ପୂର୍ବରୁ ସୁରକ୍ଷାକର୍ମୀ ତାଙ୍କୁ କାବୁ କରିନେଇଥିଲେ। ଏହି ସମୟରେ ଆରତୀ ତାଙ୍କ ସ୍ୱାମୀ ତଥା ଜଷ୍ଟିସ୍ ଗିରିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେ ନିଜ ଟି-ସାର୍ଟରେ ମଧ୍ୟ ତାଙ୍କ ସ୍ୱାମୀଙ୍କ ବିରୋଧରେ ଉଲ୍ଲେଖ କରିଥିଲେ।

■ ହୋଇପାରୁନି 'ଇଣ୍ଡିଆ' ମେଣ୍ଟର ଆସନ ବୁଝାମଣା

### କଂଗ୍ରେସକୁ ଅଧିକ ଆସନ ଦେବାକୁ ମମତା-ଅଖିଳେଶ ଅରାଜି

**ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି):** ଆଉ ୨ ମାସ ପରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ମାତ୍ରେ ଏ ପର୍ଯ୍ୟନ୍ତ ବିରୋଧୀ ମେଣ୍ଟ 'ଇଣ୍ଡିଆ'ରେ ଆସନ ବୁଝାମଣା ହୋଇପାରିନାହିଁ। ଆବାହକ ପଦକୁ ନେଇ ମଧ୍ୟ ଅସାମଞ୍ଜସ୍ୟ ସ୍ଥିତି ଲାଗି ରହିଛି। ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଏବଂ ପଞ୍ଜାବରେ ଆସନ ବୁଝାମଣାକୁ ନେଇ ମେଣ୍ଟରେ କେଁ ଫସି ରହିଛି। ଏହି ସବୁ ରାଜ୍ୟରେ କଂଗ୍ରେସକୁ ଅଧିକ ଆସନ ଦେବା ପାଇଁ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଏବଂ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଚାହୁଁ ନାହାନ୍ତି।

ପଶ୍ଚିମବଙ୍ଗର ୪୨ରୁ ୬ ଆସନରେ କଂଗ୍ରେସ ଲୋକସଭା ନିର୍ବାଚନ ଲଢ଼ିବାକୁ ଚାହୁଁଛି। ମାତ୍ର ମମତା କଂଗ୍ରେସକୁ ୨ରୁ ଅଧିକ ଆସନ ଦେବାକୁ ଚାହୁଁନାହାନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟରେ ଆସନ ବୁଝାମଣାକୁ ନେଇ କୌଣସି ସୂତ୍ର ଧାର୍ଯ୍ୟ ହୋଇନାହିଁ। ଏହି କାରଣ ମମତା ମେଣ୍ଟଠାରୁ ଦୂରରେ ରହିଛନ୍ତି। ଆସନ ବଣ୍ଟନକୁ ନେଇ ଦୁଇ ଦଳ ମଧ୍ୟରେ କୌଣସି ବୈଠକ ମଧ୍ୟ ଅନୁଷ୍ଠିତ ହୋଇନାହିଁ। ସେହିପରି ପଞ୍ଜାବର ୧୩ ଆସନରୁ ୮ଟି କଂଗ୍ରେସ ହାତରେ ରହିଛି। ଏହି ସବୁ ଆସନରେ କଂଗ୍ରେସ ନିର୍ବାଚନ ଲଢ଼ିବାକୁ ଚାହୁଁଛି। କିନ୍ତୁ ଆମ୍ ଆଦମୀ ପାର୍ଟି (ଆପ୍) ୮ଟି ଆସନ ଛାଡ଼ିବା ପାଇଁ ରାଜି ନାହିଁ। ତେବେ ଦିଲ୍ଲୀରେ ଆପ୍ ଏବଂ କଂଗ୍ରେସ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏଠାକାର ୫ ଆସନରେ କଂଗ୍ରେସ ଲଢ଼ିବାକୁ ଚାହୁଁଥିଲା। ମାତ୍ର ୩ ଆସନରେ କଂଗ୍ରେସ ଏବଂ ୪ଟିରେ ଆପ୍ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ରାଜି ହୋଇଛନ୍ତି। ଏହା ବ୍ୟତୀତ ଉତ୍ତରପ୍ରଦେଶରେ ଆସନ ବୁଝାମଣାକୁ ନେଇ କଂଗ୍ରେସ ଏବଂ ଏସ୍‌ପି ମଧ୍ୟରେ କୌଣସି ବୈଠକ ବସି ନାହିଁ। ଏହି ରାଜ୍ୟକୁ ନେଇ କଂଗ୍ରେସର ଆଭିମୁଖ୍ୟ ଧାର୍ଯ୍ୟ ହୋଇପାରି ନାହିଁ। ଏଥିପାଇଁ ବୈଠକ ଘୁଞ୍ଚି ଘୁଞ୍ଚି ଯାଉଛି। କଂଗ୍ରେସ ୟୁପିର ୨୦ରୁ ୨୫ ଆସନରେ ଲଢ଼ିବାକୁ ଚାହୁଁଥିବାବେଳେ ଏସ୍‌ପି ୧୦ରୁ ଅଧିକ ଆସନ ଦେବାକୁ ଚାହୁଁନାହିଁ। ଏହି ଦଳ ୬୦ ଆସନରେ ମୈଦାନକୁ ଓହ୍ଲାଇବାକୁ ଚାହୁଁଛି। ନିଜ ସହଯୋଗୀ ଦଳ ଆର୍‌ଏଲ୍‌ଡିକୁ ୫ ଆସନ ଦେବାକୁ ଲବି କରୁଛି। ଏଭଳି ସ୍ଥିତିରେ ୟୁପିରେ କଂଗ୍ରେସ ପାଇଁ ଆଉ ମାତ୍ର ୧୫ଟି ଆସନ ବଞ୍ଚୁଛି।


DADLS-77
ଓଡ଼ିଶା ସରକାର



**ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
ତା.୧୫.୦୧.୨୦୨୪ (ମକର ସଂକ୍ରାନ୍ତି)

ସକାଳ ଘ.୮.୩୦ ମିନିଟ - ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ଅପରାହ୍ନ - ୩ ଘଟିକା — ଜୟଦେବ ଭବନ
ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ
ଆୟୋଜକ – ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର

ସନ୍ଧ୍ୟା ଘ.୫.୩୦ମିନିଟ — ସାଧାରଣ ସଭା

| | |
|---|---|
| ସଭାପତି | – **ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ |
| ମୁଖ୍ୟ ଅତିଥି | – **ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର**, ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ |
| ବିଶିଷ୍ଟ ଅତିଥି | – **ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ**, ମାନ୍ୟବର ବିଧାୟକ, ଭଣ୍ଡାରୀ ପୋଖରୀ |
| ସମ୍ମାନନୀୟା ଅତିଥି | – **କସ୍ତୁରୀ ମହାପାତ୍ର**, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ |
| ମୁଖ୍ୟବକ୍ତା | – **ଡ଼ଃ ସଂଘମିତ୍ରା ମିଶ୍ର**, ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକା |
| ପ୍ରାରମ୍ଭିକ ବକ୍ତବ୍ୟ | – **ଡ଼ ବିରାଜ ମୋହନ ଦାସ**, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ |
| ଉପସଂହାର ବକ୍ତବ୍ୟ | – **ଶ୍ରୀଯୁକ୍ତ ଜୀବନ ମହାପାତ୍ର**, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ |

ଇଚିକିଲି ମିଚିକିଲି ଅନୁଷ୍ଠାନ ତରଫରୁ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0250/2324







# ଭୁବନେଶ୍ୱର ସିଟି



# ଜାତୀୟ ରାଜପଥ ପାଲଟିଛି ପାର୍କିଂ ଆଡ୍ଡା

**ଦୁଇ କିଲୋମିଟର ରାସ୍ତା ପାଇଁ ଲାଗୁଛି ୪ଘଣ୍ଟା ● ଅମାନିଆଙ୍କ ମଧ୍ୟରେ ପୁଲିସ ଗାଡ଼ି ବି ସାମିଲ**

ଭୁବନେଶ୍ୱର, ୧୪।୧(ସମିସ):

ରାଜଧାନୀର ବରମୁଣ୍ଡା ପଡ଼ିଆରେ ଶିଶିର ସରସ ମେଳା ଯୋଗୁଁ ପ୍ରବଳ ଭିଡ଼ ପରିଲିକ୍ଷିତ ହେଉଛି। ଏଥିପାଇଁ ନିକଟସ୍ଥ ଜାତୀୟ ରାଜପଥର ସର୍ଭିସ ରୋଡ୍‌ରେ ପାର୍କିଂ ଅନୁମତି ଦିଆଗଲା। ଏହାର ସୁଯୋଗ ନେଇ କାର୍ ଚାଳକମାନେ ଜାତୀୟ ରାଜପଥ୍‌ର ମୁଖ୍ୟ ରାସ୍ତାରେ ଅଘୋଷିତ ପାର୍କିଂ ଆରମ୍ଭ କରିଦେଲେ। ଜତୀୟ ରାଜପଥ(ଏନ୍‌ଏଚ୍)ର ମୁଖ୍ୟରାସ୍ତା ପାଲଟିଲା ପାର୍କିଂ ଆଡ୍ଡା। ଜଣଙ୍କ ପରେ ଜଣେ ଏଠାରେ ଗାଡ଼ି ରଖିଚାଲିଲେ। ଚାହୁଁ ଚାହୁଁ ଲମ୍ବା ଧଡ଼ି ଲାଗିଗଲା। ମେଳାରେ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାର୍କିଂ ବ୍ୟବସ୍ଥା ସୁପରିଚାଳନା କରିବାକୁ ଘଟଣାସ୍ଥଳରେ ପହଞ୍ଚିଲେ ପୁଲିସର କର୍ମଚାରୀ। ଲୋକଙ୍କୁ ପାର୍କିଂ କରୁଥିବା ଦେଖି ଏହି ବସ୍ ଡ୍ରାଇଭର ଏଠାରେ ପାର୍କିଂ କରିଦେଲେ। ତାଙ୍କୁ କୌଣସି ବି ପୁଲିସ ଅଧିକାରୀ ଏନେଇ ସତର୍କ କରାଇଲେ ନାହିଁ। ତେବେ ଦିନେ କିମ୍ବା ଦୁଇଦିନ ନୁହେଁ, ମେଳା ଆରମ୍ଭ ଦିନ ଠାରୁ ଜାତୀୟ ରାଜପଥ ପାର୍କିଂ ଆଡ୍ଡା ପାଲଟିଛି। ଟ୍ରାଫିକ୍ ପୁଲିସ ସବୁ ଦେଖି ନିରବଦ୍ରଷ୍ଟା ପାଲଟିଛି। ଏସମ୍ପର୍କରେ ଟ୍ରାଫିକ୍ ଟ୍ରାଫିକ୍ ଏସିପି କହିଛନ୍ତି ମେଳା ଭିଡ଼ ଯୋଗୁ ସର୍ଭିସ ରୋଡ୍‌ରେ ପାର୍କିଂ ଅନୁମତି ଦିଆଯାଇଛି। ହେଲେ ମୁଖ୍ୟ ରାସ୍ତାରେ କେହି ବି ପାର୍କିଂ କରିପାରିବେ ନାହିଁ। ଯେଉଁମାନେ ବି ପାର୍କିଂ କରୁଛନ୍ତି ସେମାନଙ୍କ ଗାଡ଼ି ଉଠାଇ ନିଆଯିବ। ରହୁଛନ୍ତି। ଏହି ଭିଡ଼ରେ ମଧ ବେପରୁଆ ପାର୍କିଂ ଟ୍ରାଫିକ ସମସ୍ୟାକୁ ଅଧିକ ଜଟିଳ କରିଦେଉଛି। ବେଆଇନ୍ ପାର୍କିଂ ଯୋଗୁଁ ମାତ୍ର ୨ କିଲୋମିଟର ରାସ୍ତା ପାର ହେବାକୁ ୪ଘଣ୍ଟା





କସ୍‌ମୋପଲିସ ଛକ ଠାରୁ ଆଇଁଗିଣିଆ ପର୍ଯ୍ୟନ୍ତ ଏନ୍‌ଏଚ୍‌ର ମୁଖ୍ୟରାସ୍ତାକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରାଯାଇ ରାଜପଥ ନିର୍ମାଣ କାମ ଚାଲିଛି। ସର୍ଭିସ ରୋଡ୍‌କୁ ମୁଖ୍ୟରାସ୍ତା ଭାବେ ବ୍ୟବହାର କରାଯାଇଛି। ଟ୍ରାଫିକ୍ ସମସ୍ୟା ଯୋଗୁଁ ଲୋକେ ଘଣ୍ଟାଘଣ୍ଟା ଭିଡ଼ରେ ଫସି ସମୟ ଲାଗିଯାଉଛି।

ଟୁଇନ୍‌ସିଟିରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ ରାଜପଥ ଲମ୍ବିଛି। ଭୁବନେଶ୍ୱର ମୁଖଶାଳ କୁହାଯାଉଥିବା ଫୁଲନଖରା ପାଖରୁ ଏନ୍‌ଏଚ୍‌ରେ ଗାଡ଼ି ପାର୍କିଂ ଆରମ୍ଭ ହୋଇଯାଇଛି। ନଖରାରୁ ହଂସପାଳ ପର୍ଯ୍ୟନ୍ତ ପାହାଳ ଥାନା ଅଞ୍ଚଳରେ ଆସୁଥିବାରୁ ପାହାଳ ଥାନାକୁ ଲୋକେ ଆକ୍ସିଡେଣ୍ଟ ଥାନା ମଧ କହୁଛନ୍ତି। ସେହିପରି ପଳାଶୁଣି ଓଭରବ୍ରିଜ ଠାରୁ ତମାଣ୍ଡ ପର୍ଯ୍ୟନ୍ତ ଜାତୀୟ ରାଜପଥର ସର୍ଭିସ ରେଡ ପାର୍କିଂ ଆଡ୍ଡା ପାଲଟିଥିଲା ବେଳେ ମୁଖ୍ୟ ଫ୍ଲାଏଓଭର୍‌ରେ ବେପରୁଆ ପାର୍କିଂ ଦୁର୍ଘଟଣାର କାରଣ ପାଲଟିଥିବା ପୁଲିସ ଅଧିକାରୀମାନେ ବହୁସମୟରେ ସ୍ୱୀକାର କରନ୍ତି। ନିୟମିତ ଚେକିଂ କରିବା ସହ ଜାତୀୟ ରାଜପଥରେ ପାର୍କିଂ କରୁଥିବା ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

## ପ୍ରଥମେ ଗଳି ରାସ୍ତା, ପରେ ମୁଖ୍ୟ ରାସ୍ତା; ଏବେ ଏନ୍‌ଏଚ୍

କାର୍ ଚାଳକମାନେ ପ୍ରଥମେ ଗଳିରାସ୍ତାରେ ପାର୍କିଂ କଲେ। ପରେ ଦିନ ବେଳେ ମୁଖ୍ୟରାସ୍ତାକୁ କବଜା କରି ଗାଡ଼ି ରଖିଲେ। ଏବେ ଜାତୀୟ ରାଜପଥ ଉପରକୁ ଉଠି ଆସୁଛନ୍ତି। ଏଠାରେ ବେଧଡ଼କ ପାର୍କିଂ ଚାଲିଛି। ଜାତୀୟ ରାଜପଥରେ ପାର୍କିଂ ନୂଆ ଟ୍ରେଣ୍ଡ ଭାବେ ଉଭା ହେଲାଣି। ସାରା ଦେଶରେ କୌଣସି ଜାତୀୟ ରାଜପଥର ମୁଖ୍ୟରାସ୍ତାରେ ପାର୍କିଂ କରିବାର ନିୟମ ନାହିଁ। ହେଲେ ଭୁବନେଶ୍ୱରରେ କିନ୍ତୁ ଜାତୀୟ ରାଜପଥ ଉପରେ ପାର୍କିଂ କରିବା ନିୟମିତ ଘଟଣାରେ ପରିଣତ ହେଲାଣି। ଅମାନିଆଙ୍କୁ କହିଲେ ଶୁଣୁନାହାନ୍ତି। ଲଗାଯାଇଥିବା ସାଇନ୍ ବୋର୍ଡର ନିର୍ଦ୍ଦେଶକୁ ମାନୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଆମାନିଆଙ୍କ ସହ ଏବେ ପୁଲିସ ବି ସାମିଲ ହୋଇ ଏନ୍‌ଏଚ୍‌ରେ ପାର୍କିଂ କରିଦେଉଥିବା ଦେଖିବାକୁ ମିଳିଛି। ଲୋକଙ୍କ ଦେଖାଦେଖି ପୁଲିସ ମଧ ଏନ୍‌ଏଚ୍ ଉପରେ ପାର୍କିଂ କରି ବେପରୁଆ ଭାବେ ଚାଲିଯାଉଛି।

## କସ୍‌ମୋପୋଲିସ ଫ୍ଲାଏଓଭର୍ ୨୦ରେ ଖୋଲିବ ଫାଳେ

ଭୁବନେଶ୍ୱର, ୧୪।୧ (ସମିସ): ଆସନ୍ତା ୨୦ ତାରିଖରୁ ଖୋଲିବ କସ୍‌ମୋପୋଲିସ ଫ୍ଲାଏଓଭର୍‌ର ଗୋଟିଏ ପାର୍ଶ୍ୱ। ଏନେଇ ନିକଟରେ ଭୁବନେଶ୍ୱର ଟ୍ରାଫିକ୍ ପୁଲିସ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଠିକା ସଂସ୍ଥା ସହିତ ଆଲୋଚନା କରାଯାଇଛି। ସୂଚନା ଅନୁଯାୟୀ, ଖଣ୍ଡଗିରି ଫ୍ଲାଏଓଭର ନିର୍ମାଣ ପରେ କସ୍‌ମୋପୋଲିସ ଛକ ନିକଟରେ ଥିବା କଟ୍‌କୁ ବନ୍ଦ କରାଯାଇଥିଲା। ଫଳରେ ଡୁମୁଡୁମା, ସରକନ୍ତରା, ରଘୁନାଥ ନଗର ଆଦି ଆଖପାଖ ଅଞ୍ଚଳର ଲୋକେ ଭୁବନେଶ୍ୱର ଯିବାକୁ ହେଲେ ଶନି ମନ୍ଦିର ଫ୍ଲାଏଓଭର ଠାରୁ ବୁଲିକି ଆସିବାକୁ ପଡୁଥିଲା। ଏହି ଅସୁବିଧାକୁ ଆଖି ଆଗରେ ପ୍ରାୟ ଏକବର୍ଷ ପୂର୍ବେ କସ୍‌ମୋପୋଲିସ ଛକରେ ଫ୍ଲାଏଓଭର୍ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଫ୍ଲାଏଓଭର୍ ନିର୍ମାଣ ଯୋଗୁଁ ପୁଲିସ ପକ୍ଷରୁ ଟ୍ରାଫିକ୍ କଟକଣା ଜାରୀ ହୋଇଥିଲା। ନିକଟରେ ହୋଇଥିବା କଟକଣା ଅନୁସାରେ କସ୍‌ମୋପୋଲିସ ଛକ ଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ ରାସ୍ତାକୁ ଜାତୀୟ ରାଜପଥ ଭାବେ ବ୍ୟବହାର କରାଯାଉଛି। ଫଳରେ ପ୍ରତ୍ୟେକ ଦିନ ଟ୍ରାଫିକ ଯନ୍ତ୍ରଣା ଦେଖା ଦେଉଛି। ଏମିତିକି ଖଣ୍ଡଗିରି ଫ୍ଲାଏଓଭର ଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ରାସ୍ତାରେ ଭିଡ଼ ଦେଖା ଦେଉଛି। କୌଣସି ଗାଡ଼ି ରାସ୍ତାରେ ବ୍ରେକ ଡାଉନ ହେଲେ ମାତ୍ର ୩ କିଲୋମିଟର ରାସ୍ତାକୁ ଅତିକ୍ରମ କରିବା ପାଇଁ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ପ୍ରତ୍ୟେକ ଦିନ ଭିଡ଼ ହେଉଥିବାର ଭୁବନେଶ୍ୱର ଟ୍ରାଫିକ ପୁଲିସ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଫ୍ଲାଏଓଭର ନିର୍ମାଣ କରୁଥିବା ଠିକା ସଂସ୍ଥା ସହିତ ଆଲୋଚନା କରାଯାଇଥିଲା। ଯଥାଶୀଘ୍ର ଫ୍ଲାଏଓଭର ନିର୍ମାଣ କାମ ସାରିବାକୁ କୁହାଯାଇଥିଲା। ତେବେ ଆସନ୍ତା ୨୦ ତାରିଖ ଠାରୁ କସ୍‌ମୋପୋଲିସ ଫ୍ଲାଏଓଭରର ଗୋଟିଏ ପାର୍ଶ୍ୱ ରାସ୍ତା ଖୋଲାଯିବ ବୋଲି ଟ୍ରାଫିକ ପୁଲିସ ପକ୍ଷରୁ ସୂଚନା ମିଳିଛି। ଗୋଟିଏ ପଟ ରାସ୍ତା ଖୋଲିବା ପରେ ଭିଡ଼ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଟ୍ରାଫିକ୍ ପୁଲିସ ଆଶା କରୁଛି। ତେବେ ଫେବୃୟାରୀ ମାସରେ ଆଉ ଗୋଟିଏ ପଟ ରାସ୍ତା ଖୋଲାଯିବ ବୋଲି ଜଣାପଡ଼ିଛି।

## ଯୁବକଙ୍କୁ ଆକ୍ରମଣ କରି ଲୁଟ୍ ଘଟଣା

### ୫ ମାସ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୪।୧ (ସମିସ): ଯୁବକଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନାଚେନ୍ ଲୁଟ୍ ଘଟଣାର ୫ ମାସ ପରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ତମାଣ୍ଡୋ ମହୋଦଧି ନୀଳୟ ଆପାର୍ଟମେଣ୍ଟରେ ରହୁଥିବା ପାରାଦୀପ ଭୂତମୁଣ୍ଡେଇର ଶ୍ୟାମ ସୁନ୍ଦର ସାହୁ (୨୦)। ପୁଲିସ ସୂଚନା ଅନୁସାରେ, କଳିଙ୍ଗନଗର କେ-୮ ଅଞ୍ଚଳରେ ରହୁଥିବା ମୟୂରଭଞ୍ଜ ଜିଲ୍ଲା ବଡ଼ସାହିର ଅଭିନନ୍ଦନ ବାରିକ ଗତ ଅଗଷ୍ଟ ମାସ ୧୩ ତାରିଖ ଦିନ ଟଙ୍କା ନେଇ ତାଙ୍କ ଭାଇଙ୍କୁ ଦେବାକୁ ଯାଉଥିଲେ। ସେହି ସମୟରେ ଶ୍ୟାମସୁନ୍ଦର, ଆଶିଷ, ମିଥିଲେଶ, ବିଶ୍ୱବିଜୟ ଓ ସହଯୋଗୀମାନେ ମିଶି ଗୋଟିଏ କାରରେ ଆସି ସମ୍ ହସ୍‌ପିଟାଲ ରାସ୍ତାରେ ଅଭିନନ୍ଦନଙ୍କ କାର୍‌କୁ ଅଟକାଇଥିଲେ। ଅଭିନନ୍ଦନଙ୍କୁ ଲୁହାଛଡ଼ରେ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ନିକଟରୁ ୫ ଲକ୍ଷ ୫୦ ହଜାର ଟଙ୍କା, ଗୋଟିଏ ସୁନା ଚେନ ଓ ୩ଟି ମୁଦି ଲୁଟ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିନନ୍ଦନ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ସେହି ମାସ ୨୫ ତାରିଖ ଦିନ ଆଶିଷକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରବିବାର ଶ୍ୟାମସୁନ୍ଦରକୁ ଗିରଫ କରିବା ସହ ତା ହେପାଜତରୁ ଅପରାଧରେ ବ୍ୟବହୃତ କାର୍‌ଟିକୁ ଜବତ କରିଛି।

## ଚୋରି ବେଳେ ଧରାପଡ଼ିଲା

ଭୁବନେଶ୍ୱର, ୧୪।୧ (ସମିସ): ପାନ ଦୋକାନରୁ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଷ୍ଟେସନ ବଜାର ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ ମୁର୍ଶିଦାବାଦର ସାମିରୁଲ ଏସକେ ଓରଫ୍ ବିଦ୍ୟୁତ (୨୬)। ପୁଲିସ ସୂଚନା ଅନୁଯାୟୀ, ଭିଏସ୍‌ଏସ୍ ନଗର ତାରିଣୀ ବ୍ରିଜ୍ ନିକଟରେ ପାନ ଦୋକାନ କରିଥିବା କବିନ୍ଦ୍ର ଜେନା ଶନିବାର ଦୋକାନ ବନ୍ଦ କରି ଘରକୁ ଯିବା ପରେ ସାମିରୁଲ ଦୋକାନ ଭିତରୁ ୪ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଯାଉଥିବା ସମୟରେ ସ୍ଥାନୀୟ ଲୋକ ହାବୁଡ଼ରେ ପଡ଼ିଥିଲା। ଲୋକମାନେ ତାକୁ କାବୁ କରିବା ପରେ କବିନ୍ଦ୍ରଙ୍କୁ ଜଣାଇଥିଲେ। କବିନ୍ଦ୍ରଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସାମିରୁଲ ହେପାଜତରୁ ୪ ହଜାର ଟଙ୍କା ଓ ଚୋରି ସାମଗ୍ରୀ ଜବତ କରି କୋର୍ଟ ଚାଲାଣ କରିଛି।

## ମଦ ଜବତ, ୧ କୋର୍ଟ ଚାଲାଣ

ଯାଁଳା,୧୩।୧(ସମିସ): ଇନ୍ଫୋସିଟି... ଇନ୍ଫୋଭ୍ୟାଲି ଥାନା ପୋଲିସ ବେଆଇନ ଦେଶୀ ମଦ ବିକ୍ରୟ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଇନ୍ଫୋଭ୍ୟାଲି ଥାନା ଅନ୍ତର୍ଗତ ଅରିଶଳ ଦୁର୍ଗାପୁର ଗ୍ରାମର ରାମଚନ୍ଦ୍ର ସାହୁ। ଅଭିଯୁକ୍ତ ନିକଟରୁ ୩୦ ଲିଟର ଦେଶୀ ମଦ ଜବତ କରିବା ସହ ଅଦାଲତ ଚାଲାଣ କରିଛି ପୁଲିସ। ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ୍ ଦୁର୍ଗାପୁର ଗାଁ ପଡ଼ିଆରେ ଚଢ଼ଉ କରି ଦେଶୀ ମଦ ବିକ୍ରୟ କରିବା ସମୟରେ ରାମଚନ୍ଦ୍ର ଗିରଫ କରିଥିଲେ।

## ନିର୍ମାଣାଧୀନ ବ୍ରିଜ୍ ତଳୁ ଖସୁଛି ମାଟିଅତଡ଼ା

ହଂସପାଳ,୧୪।୧(ସମିସ): ହଂସପାଳ ଠାରୁ ଜୟଦେବ ପୀଠ ପର୍ଯ୍ୟନ୍ତ ଯାଇଥିବା ଅଭୟମୁଖି ମୁଖ୍ୟରାସ୍ତାର ସାଇଫନ୍ ନିକଟରେ ନିର୍ମାଣାଧୀନ ବ୍ରିଜ୍ ଏବେ ମରଣଯନ୍ତା ପାଲଟିଛି। ପିଲାର ବେସ୍ କାର୍ଯ୍ୟ ପାଇଁ ରାସ୍ତାର ପାର୍ଶ୍ୱକୁ ଲାଗି ଖୋଳା ଯାଇଥିବାରୁ ରାସ୍ତା ତଳୁ ମାଟି ଅତଡ଼ା ଭୁଶୁଡ଼ି ପଡ଼ିଲାଣି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଠିକାଦାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଜନଅସନ୍ତୋଷ କ୍ରମେ ବଢ଼ିବାରେ ଲାଗିଲାଣି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଟ୍ରକ୍, ବସ, ଛୋଟ ବଡ଼ ଗାଡ଼ି ସବୁ ନିଆଳି, ଅଡ଼ଶପୁର, ବାଲିଅନ୍ତା, ବାଲିପାଟଣାକୁ ଯାଉଅଛି। ଫଳରେ ଲୋଡ୍ ଗାଡ଼ି ଏବେ ଏହି ରାସ୍ତା ଦେଇ ଯିବା ସମ୍ଭବ ହେଉନାହିଁ। ଖବରରୁ ଜଣାପଡ଼ିଛି ଯେ ଏହି ଫ୍ଲାଇଓଭର୍ ନିର୍ମାଣ ପାଇଁ୨୩/୨୪ଆର୍ଥିକ ବର୍ଷରେ୨କୋଟି୩୮ ଲକ୍ଷଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଅଛି। ଏବେ ଏହାକୁ ଖୋଳାଯାଇ ବେସ୍ ଢଳାଇ କରାଯାଉଥିଲେ ମଧ ସାଧାରଣ ଲୋକଙ୍କ ନିରାପଦ ପାଇଁ କିଛି ବ୍ୟବସ୍ଥା କରାଯାଇ ନାହିଁ। ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଭିଡ଼ ଲାଗିରହୁଛି, ଫଳରେ ରାସ୍ତା ଭୁଶୁଡ଼ି ଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଭିଡ଼ ନିୟନ୍ତ୍ରଣ ପାଇଁ କୌଣସି କର୍ମଚାରୀ ନିୟୋଜିତ ହୋଇ ନ ଥିବାରୁ ପ୍ରତିଦିନ ଘଟଣାସ୍ଥଳରେ ଦୁର୍ଘଟଣା ଘଟୁଛି। କିଛିଦିନ ପୂର୍ବରୁ ଚାଲିଥିବା ବେସ୍ ଢଳାଇ କାର୍ଯ୍ୟ ନିମ୍ନ ମାନର ହେଉଥିବା ଯଥା ପଙ୍କ କାଦୁଅ ଭଲରେ ନ କାଢ଼ି ସିମେଣ୍ଟ କଂକ୍ରିଟ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ସହକାରୀ ଯନ୍ତ୍ରୀଙ୍କ ବିମଳ କୁମାର ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ।



**ମୁଖ୍ୟ ରାସ୍ତା ନା ମରଣଯନ୍ତା**

## ରହସ୍ୟ ଘେରରେ ବ୍ୟବସାୟୀଙ୍କ ହତ୍ୟା

ବାଲିଅନ୍ତା,୧୪।୧(ସମିସ): ବାଲକାଟି ଫାଣ୍ଡି ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ଅଧୀନ ସାଗୁଆ ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ବିପିନି ବିହାରୀ ନାୟକଙ୍କ ବଡ଼ପୁଅ ବିଶ୍ୱଜିତ ନାୟକ(୪୩) ଓରଫ ବାବୁ। ବିଶ୍ୱଜିତଙ୍କ ଗଳାରେ କଟାଦାଗ ଏବଂ ମୁହଁକୁ କୌଣସି ଓଜନିଆ ଜିନିଷରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ରକ୍ତଛିଟା ଛାତ ଏବଂ ସିଲିଂ ଫ୍ୟାନ ଏବଂ ଚଟଣାରେ ଲାଗିଥିବା ଦେଖାଯାଇଛି। ଏହାଛଡ଼ା ପାରିପାର୍ଶ୍ୱିକ ପରିସ୍ଥିତିରୁ ବିଶ୍ୱଜିତଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତଦେହ ଉପରେ ଏକ କମଳ ମୁଣ୍ଡଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଘୋଡ଼ା ଅବସ୍ଥାରେ ରହିଥିଲା। ବିଶ୍ୱଜିତଙ୍କ ବେଡ୍, ତକିଆ ଓ ଘର ବାହାର ସୁଇଚରେ ରକ୍ତଟିପ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ତେବେ ହତ୍ୟାର କାରଣ ଓ ହତ୍ୟାକାରୀ ସଂପର୍କରେ କିଛି ସୂଚନା ମିଳିଛି। ବିଶ୍ୱଜିତ ଅଧିକାଂଶ ଦିନ ଭୁବନେଶ୍ୱରରେ ରହୁଥିବାରୁ କେହି କିଛି ଜାଣିପାରି ନ ଥିଲେ। ଶନିବାର ରାତି ୧୦ଟା ବେଳେ ତାଙ୍କର ସାନ ଭାଇ ରଂଜିତ ନାୟକ ବିଶ୍ୱଜିତଙ୍କ ଫୋନକୁ ବାରମ୍ବାର କଲ କରି ନ ଉଠାଇବାରୁ ଘଟଣା ପଦାକୁ ଆସିଥିଲା। ଖବର ପାଇ ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଓ ଫାଣ୍ଡି ଅଧିକାରୀ ନିରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ବିଶ୍ୱଜିତଙ୍କ ମୃତ୍ୟୁ ସମ୍ପର୍କରେ ପଡ଼ୋଶୀଙ୍କୁ ପଚରାଉଚରା ଚଳାଇଛନ୍ତି। ସୂଚନା ଅନୁସାରେ ବିପିନି ବିହାରୀଙ୍କ ଦୁଇଟି ପତ୍ନୀ। ପ୍ରଥମ ପତ୍ନୀ ନିଶାମଣି ନାୟକଙ୍କ ଦୁଇପୁଅ ମଧ୍ୟରୁ ବିଶ୍ୱଜିତ ବଡ଼। ବିଶ୍ୱଜିତ ବିବାହିତ। ତାଙ୍କର ମଞ୍ଚେଶ୍ୱର ଥାନା ଅଧୀନ ଭିଏସ୍‌ଏସନଗରରେ ହୋଟେଲ ବ୍ୟବସାୟ ରହିଛି। ମଝିରେ ମଝିରେ ଗାଁକୁ ଆସନ୍ତି। ବିଶ୍ୱଜିତଙ୍କ ବାପା ଗୋଟିଏ ଘରେ ରହୁଥିବା ବେଳେ ସେ ଘର କିଛି ଦୂରରେ ଅଲଗା ରହୁଥିଲେ। ବିଶ୍ୱଜିତଙ୍କ ମା ପୁରୀରେ ରୁହନ୍ତି। ସାନଭାଇ ରଞ୍ଜିତ ନାୟକ ଧାମରାରେ ଚାକିରି କରିଛନ୍ତି। କିନ୍ତୁ ଏବେବି ହତ୍ୟାର କାରଣ ରହସ୍ୟ ମଧ୍ୟରେ ରହିଛି।

## ଫଟୋ ଭାଇରାଲ୍; ପ୍ରେମିକ ଗିରଫ

ଭୁବନେଶ୍ୱର, ୧୪।୧ (ସମିସ): ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ୍ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଥରଗାଡ଼ିଆରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅଧ ସାହିର ଗୌତମ ସାହୁ (୨୦)। ପୁଲିସ ସୂଚନା ଅନୁଯାୟୀ, ସାଲିଆ ସାହି ଅଞ୍ଚଳର ଜଣେ ଯୁବତୀ ଓ ଗୌତମ ୬ ମାସ ପୂର୍ବରୁ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ରେଷ୍ଟୁରାଁରେ ଏକାଠି କାମ କରୁଥିବା ସମୟରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଗୌତମ ଓ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଅଭିଯୁକ୍ତ ଜଣକ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ନିକଟତର ହୋଇଥିଲା। ଗୌତମ ସଂପୃକ୍ତ ଯୁବତୀଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କ ସହିତ ସମ୍ପର୍କ ରଖୁଥିବାରୁ ସେ ସମ୍ପୂର୍ଣ୍ଣ ଭାବରେ ବିରୋଧ କରିଥିଲେ। ଏହାକୁ ନେଇ ଗୌତମ ପୂର୍ବରୁ ରଖିଥିବା କିଛି ଆପତ୍ତିଜନକ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲା। ଏନେଇ ଯୁବତୀ ଜଣକ ଇନ୍‌ଫୋସିଟି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ଗୌତମକୁ ଗିରଫ କରି ତା ଠାରୁ ମୋବାଇଲ ଜବତ କରିଛି।

**ଛପା ଚାଲିଛି ନକଲି ନୋଟ୍**

## ବର୍ଷକରେ ଏସ୍‌ଟିଏଫ୍ ଜବତ କରିଛି ୭୨ ଲକ୍ଷ

### ସକ୍ରିୟ ଦଲାଲ୍; ବର୍ଷକରେ ବଢ଼ିଛି ଦ୍ୱିଗୁଣ କାରବାର

ଭୁବନେଶ୍ୱର, ୧୪।୧(ସମିସ):

ରାଜ୍ୟରେ ନକଲି ନୋଟ୍ କାରବାର ବଢ଼ିଛି। ରାଜ୍ୟରେ ଶିଳ୍ପର ବିକାଶ ଓ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ଖୋଲିବାରୁ ଅଧିକ ନକଲି ବା ଜାଲ୍ ନୋଟ୍ କାରବାରରେ ବୃଦ୍ଧିହୋଇଛି। ନକଲି ନୋଟ୍ ଛପାଇ ଖୋଲା ବଜାରକୁ ଏଜେଣ୍ଟଙ୍କ ଜରିଆରେ ସପ୍ଲାଏ କରୁଛନ୍ତି। ନକଲି ନୋଟ୍ କରି ବଜାରକୁ ଛାଡ଼ିବା ପରେ ଦେଶର ଅର୍ଥନୀତି ଦୁର୍ବଳ ହୋଇଯାଉଛି। ଏହାକୁ ମୁକାବିଲା କରିବା ପରେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଖୋଳତାଡ଼ କରୁଛି। ଗତବର୍ଷ ସାରା ରାଜ୍ୟରୁ ୭୨ ଲକ୍ଷ ୪୩ହଜାର ୫୦୦ ଟଙ୍କାର ଜାଲ୍ ନୋଟ୍ ଜବତ ହୋଇଛି। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରୁ ୩୧ ଲକ୍ଷ ୨୭ହଜାର ନକଲି ନୋଟ୍ ଓ ସୋନପୁରରୁ ୪୧ ଲକ୍ଷର ଜାଲନୋଟ୍ ମିଳିଛି। ଏହି ନକଲି ନୋଟ୍ କାରବାରରେ ୨ଜଣଙ୍କୁ ଗିରଫ କରାଯାଇଛି। ସେହିଭଳି ୨୦୨୨ରେ ୪୭ଲକ୍ଷ ୪୩ ହଜାର ୧୦୦ ଟଙ୍କାର ନକଲି ନୋଟ୍ ଜବତ ହୋଇଛି। ତେବେ ୨୦୨୨ ଅପେକ୍ଷା ୨୦୨୩ରେ ନକଲି ନୋଟ୍ ଜବତ ଦି'ଗୁଣା ବୃଦ୍ଧି ହୋଇଛି।





### ବାଂଲାଦେଶୀ ଓ ନେପାଳୀଙ୍କ ସମ୍ପୃକ୍ତି

ଓଡ଼ିଶାରେ ନକଲି ନୋଟ୍ କାରବାର ପଛରେ ବାଂଲାଦେଶ ଓ ନେପାଳର ହାତ ରହିଛି। ନେପାଳରୁ ବିହାର, ଝାଡ଼ଖଣ୍ଡ ଦେଇ ଓଡ଼ିଶାକୁ ପ୍ରବେଶ କରୁଛି। ସେହିଭଳି ବାଂଲାଦେଶରୁ କୋଲକାତା, ଖଡ଼ଗପୁର, ଦୀଘା ଦେଇ ଓଡ଼ିଶା ଭିତରକୁ ପ୍ରବେଶ କରୁଛି। ପରେ ଜଳେଶ୍ୱର, ଭଦ୍ରକ, ଯାଜପୁର, କଟକ, ଭୁବନେଶ୍ୱର, ପୁରୀକୁ ଚାଲାଣ କରାଯାଉଛି। ଏହି ଦୁଇଟି ରାଜ୍ୟରୁ ଏଜେଣ୍ଟଙ୍କ ଜରିଆରେ ଓଡ଼ିଶା ଏଜେଣ୍ଟଙ୍କ ଜରିଆରେ ପ୍ରବେଶ କରୁଛି। ଏଭଳି ଛତିଶଗଡ଼, ବିଶାଖାପାଟଣା, ନାସିକ, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ନକଲି ନୋଟ୍ ଛପାଯାଇ ଖୋଲା ବଜାରକୁ ଛଡ଼ାଯାଉଥିବା ତଦନ୍ତକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି।

### ଲକ୍ଷେ ନକଲିରେ ୨୦ହଜାର ଅସଲି

ନକଲି ନୋଟ୍ ଛାପୁଥିବା ମାଫିଆଙ୍କ ଠାରୁ କିଛି ଦଲାଲ୍ ନକଲି ନୋଟ୍ କିଣି ଆଣୁଥିଲେ। ସେମାନେ ଲକ୍ଷେ ଟଙ୍କାର ନକଲି ନୋଟ୍‌କୁ ପ୍ରାୟତଃ ୨୦ହଜାର ଟଙ୍କାରୁ ୨୫ହଜାର ଅସଲି ଟଙ୍କା କମିଶନୀ ଦେବାକୁ ପଡୁଛି। ଲକ୍ଷେ ଟଙ୍କା ଚଳାଇ ସାରିବା ପରେ ୫୦ପ୍ରତିଶତ କମଶନୀ ଛାପୁଥିବା ମାଫିଆକୁ ଦେଉଛନ୍ତି। ଅବଶିଷ୍ଟ ୫୦ ପ୍ରତିଶତ ଟଙ୍କାକୁ ଏଜେଣ୍ଟ ବା ଦଲାଲ୍ ଚଳାଉଛି।

### ୧୧ବର୍ଷରେ ଧରାପଡ଼ିଛନ୍ତି ୩୨୫ ମାଫିଆ

ଓଡ଼ିଶାରେ ଜାଲ୍ ନୋଟ୍‌ର ଧନ୍ଦା ନୂଆ ନୁହେଁ। ଅଧିକ ମୁନାଫା ଲାଗି ଜାଲ୍ ନୋଟ୍ କାରବାର ଚାଲୁଛି। ବିମୁଦ୍ରାକରଣ ପରେ ବି ନକଲି ନୋଟ୍ କାରଖାନା ବିଭିନ୍ନ ଜିଲ୍ଲାରେ ଖୋଲିଛି। ଗତ ୧୧ ବର୍ଷରେ ୧୧କୋଟି ୨୦ ଲକ୍ଷ ଟଙ୍କାର ଜାଲ୍ ନୋଟ୍ ଜବତ ହୋଇଛି। ଜାଲ୍ ନୋଟ୍ କାରବାରକୁ ନେଇ ଓଡ଼ିଶା ପୁଲିସ ୧୮୨ ମାମଲା ରୁଜୁକରିବା ସହ ୩୨୫ ଜଣଙ୍କୁ ଗିରଫ କରିଛି। ସେଥିରୁ ୧୧୦ ଜଣଙ୍କ ବିରୋଧରେ ଚାର୍ଜସିଟ ଦାଖଲ ହୋଇଛି। ସେହିଭଳି ୨୦୧୬ରେ ୪୦ ଲକ୍ଷ, ୨୦୧୭ରେ ୪୧ ଲକ୍ଷ, ୨୦୧୯ରେ ୨୮ ଲକ୍ଷ ଟଙ୍କାର ଜାଲ୍ ନୋଟ ଜବତ ହୋଇଥିବା ବେଳେ ୨୦୨୧ ମସିହାରେ ପଟ୍ଟାଙ୍ଗିରୁ ସର୍ବାଧିକ ୭ କୋଟି ୯୦ ଲକ୍ଷ ୩ ହଜାର ୫୦୦ ଟଙ୍କାର ଜାଲ୍ ନୋଟ ଏସ୍‌ଟିଏଫ୍ ଜବତ କରିଥିଲା।



ସକାଳ
THE SAKALA



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୧ • ପାଉଣ୍ଡ ୧୦୬.୧୯
- ୟୁରୋ ୯୧.୮୧ • ୟେନ୍ ୦.୫୭

### ସୁନାରୁପା ଦର




୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୭୦୦ (ନୂଆଦିଲ୍ଲୀ)
- ରୁପା : ୭୬,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୫୬୮.୦୦
- ନିଫ୍ଟି ୨୧,୮୯୪.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ମହାନଦୀ ଅବବାହିକାରେ ୨ ଗ୍ୟାସ୍ ବ୍ଲକ୍‌ର ସନ୍ଧାନ

## କମ୍ପାନୀ ସେୟାର ମୂଲ୍ୟରେ ଅହେତୁକ ବୃଦ୍ଧି

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି)**

ମହାନଦୀ ଅବବାହିକା ରେ ମିଳିଛି ଦୁଇ ଗ୍ୟାସ୍ ବ୍ଲକ। ବଙ୍ଗୋପସାଗରର ମହାନଦୀ ଅବବାହିକାର ଗଭୀର ଜଳ ବ୍ଲକରେ ରାଷ୍ଟ୍ରାୟତ୍ତ ତୈଳ ଏବଂ ପ୍ରାକୃତିକ ବାଷ୍ପ ନିଗମ (ଓଏନ୍‌ଜିସି) କ୍ରମାଗତ ଭାବେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଗ୍ୟାସ ଆବିଷ୍କାର କରିଛି। କମ୍ପାନୀ ବ୍ଲକ୍ ଏମ୍‌ଏନ୍-ଡିଡବ୍ଲ୍ୟୁଏଚ୍‌ପି-୨୦୧୮/୧ରେ ଏହି ଆବିଷ୍କାର କରିଛି, ଯାହାକୁ ୨୦୧୯ ରେ ମୁକ୍ତ ଜୋନ୍ ଲାଇସେନ୍ସ ନୀତି ଅନୁଯାୟୀ ତୃତୀୟ ରାଉଣ୍ଡ ନିଲାମରେ ଜିତିଥିଲା। ତେବେ ଏହି ଅନୁସନ୍ଧାନଗୁଡିକ ଏପରି ଏକ ଅଞ୍ଚଳରେ କରାଯାଇଛି ଯାହାକି ଜାତୀୟ ସୁରକ୍ଷା ସ୍ୱାର୍ଥ ଦୃଷ୍ଟିରୁ ପୂର୍ବରୁ 'ନୋ-ଗୋ' କ୍ଷେତ୍ର ଭାବରେ ବର୍ଗୀକୃତ ହୋଇଥିଲା। 'ନୋ-ଗୋ' କ୍ଷେତ୍ରର ଅର୍ଥ ହେଉଛି ସେହି ସ୍ଥାନଗୁଡିକ କ୍ଷେପଣାସ୍ତ୍ର ପରୀକ୍ଷଣ କିମ୍ବା ଉପଗ୍ରହ ଉତକ୍ଷେପଣ ରୁଟ୍‌ର ଅନ୍ତର୍ଭୁକ୍ତ ହୋଇଥିବ।

ପ୍ରାକୃତିକ ବାଷ୍ପର ପ୍ରଥମ ଆବିଷ୍କାର 'ଉତ୍କଳ' ବ୍ଲକ୍‌ରେ ୭୧୪ ମିଟର ଗଭୀରତା ଜଳରେ କରାଯାଇଛି। ପ୍ରାରମ୍ଭିକ ପରୀକ୍ଷଣରୁ ଜଣାପଡିଛି ଯେ, ଏହି ବ୍ଲକ୍‌ରୁ ଦୈନିକ ୩ ଲକ୍ଷ ଘନ ମିଟରରୁ ଅଧିକ ଗ୍ୟାସ ଉତ୍ତୋଳନ କରାଯାଇପାରିବ। ତେବେ ଦ୍ୱିତୀୟ ଗ୍ୟାସ୍ ବ୍ଲକର ଆବିଷ୍କାର ୧,୧୧୦ ମିଟର ଗଭୀର ଜଳରେ କରାଯାଇଛି। ଏହି ପ୍ରାକୃତିକ ବାଷ୍ପ ବ୍ଲକ୍‌ର ଆବିଷ୍କାର ସମ୍ପର୍କରେ ଓଏନ୍‌ଜିସି ପକ୍ଷରୁ ହାଇଡ୍ରୋକାର୍ବନ ମହାନିର୍ଦ୍ଦେଶାଳୟ (ଡିଜିଏଚ୍)କୁ ସୂଚନା ଦିଆଯାଇଛି। ମହାନିର୍ଦ୍ଦେଶାଳୟ ବର୍ତ୍ତମାନ ବ୍ଲକ୍‌ର ଆକାର ଏବଂ ବାଣିଜ୍ୟିକ ସମ୍ଭାବ୍ୟତା ସମ୍ପର୍କରେ ଆକଳନ କରୁଛି। ଏକ ସୂତ୍ରରୁ




ଜଣାପଡିଛି ଯେ ତୈଳ ଓ ଗ୍ୟାସର ଅନୁସନ୍ଧାନ ତଥା ଉତ୍ପାଦନ ପାଇଁ ସରକାର ପ୍ରାୟ ୧ ଲକ୍ଷ ବର୍ଗ କିଲୋମିଟର ଅଞ୍ଚଳକୁ ମୁକ୍ତ ଅଞ୍ଚଳ ଘୋଷିତ କରିବା ପରେ ଓଏନ୍‌ଜିସି ଯଥା ଶୀଘ୍ର ପ୍ରାକୃତିକ ବ୍ଲକ୍ ଅନୁସନ୍ଧାନ କରିବାରେ ସକ୍ଷମ ହୋଇଥିଲା। ୨୦୨୨ରେ ଏହିପରି ୯୮ ପ୍ରତିଶତରୁ ଅଧିକ 'ନୋ ଗୋ' କ୍ଷେତ୍ର ଉପରେ ପ୍ରତିବନ୍ଧକ ହଟାଯାଇଥିଲା, ଯାହା ଶକ୍ତି କମ୍ପାନୀଗୁଡ଼ିକୁ ତୈଳ ଏବଂ ଗ୍ୟାସ ଅନୁସନ୍ଧାନ କରିବା ପାଇଁ ଜାହାଜ ଏବଂ 'ଡ୍ରିଲିଂ ଜାହାଜ' ପଠାଇବାକୁ ଅନୁମତି ଦେଇଥିଲା। ଏହି ଅନୁସନ୍ଧାନ ପରେ ଷ୍ଟକ୍ ବଜାରରେ ଓଏନ୍‌ଜିସିର ସେୟାର ମୂଲ୍ୟ ରେକର୍ଡ ୨୨୪ ଟଙ୍କା ଅତିକ୍ରମ କରିଛି। ଓଏନ୍‌ଜିସି ସେୟାର ମୂଲ୍ୟ ବିଷୟରେ କହିବାକୁ ଗଲେ ଏହା ମାତ୍ର ଏକ ମାସରେ ୧୧.୪ ପ୍ରତିଶତ, ୬ ମାସରେ ୩୫ ପ୍ରତିଶତ ଏବଂ ୧ ବର୍ଷରେ ୫୨ ପ୍ରତିଶତ ରିଟର୍ଣ୍ଣ ଦେଇଛି। କମ୍ପାନୀର ବଜାର ପୁଞ୍ଜି ବର୍ତ୍ତମାନ ୨.୮୧ ଲକ୍ଷ କୋଟି ଟଙ୍କା ରହିଛି।

ଆମଦାନୀ ମାଧ୍ୟମରେ ଭାରତ ଏହାର ଗ୍ୟାସ ଆବଶ୍ୟକତାର ପ୍ରାୟ ଅଧା ପୂରଣ କରିଥାଏ। ଏଭଳି ପରିସ୍ଥିତିରେ ଦେଶର ଶକ୍ତି ସୁରକ୍ଷା ଦୃଷ୍ଟିରୁ ନୂତନ ଆବିଷ୍କାର ଗୁରୁତ୍ୱପୂର୍ଣ୍ଣ। ୨୦୩୦ ସୁଦ୍ଧା ଭାରତ ଏହାର ଶକ୍ତି ବ୍ୟବହାରରେ ପ୍ରାକୃତିକ ଗ୍ୟାସର ଅଂଶକୁ ୧୫ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ଏହା ୬.୩ ପ୍ରତିଶତ ରହିଛି। ଘରୋଇ ଉତ୍ପାଦନରେ ବୃଦ୍ଧି କରି ଭାରତ ଏହି ଲକ୍ଷ୍ୟ ହାସଲ କରିପାରିବ।

# ସିଏନ୍‌ଜି ପ୍ଲାଣ୍ଟ ବସାଇବ ସନ୍‌ମିତ ଇନ୍‌ଫ୍ରା

**ମୁମ୍ବଇ,୧୪।୧(ଏଜେନ୍ସି):** ରିଅଲ ଇଷ୍ଟେଟ ପ୍ରକଳ୍ପସମୂହ ନିର୍ମାଣ, ପେଟ୍ରୋଲିୟମ ଉତ୍ପାଦ ଯୋଗାଣ ଏବଂ ବାୟୋମେଡିକାଲ ବର୍ଜ୍ୟ ପରିଚାଳନା କ୍ଷେତ୍ରର ଅଗ୍ରଣୀ କମ୍ପାନୀ ସନ୍‌ମିତ ଇନ୍‌ଫ୍ରା ଲିମିଟେଡ ସଷ୍ଟେନେବଲ୍ ଅଲ୍ଟରନେଟିଭ ଟୁୱାର୍ଡସ୍ ଆଫୋର୍ଡେବଲ୍ ଟ୍ରାନ୍ସପୋର୍ଟେସନ ସ୍କିମ୍ (ଏସ୍‌ଏଟିଏଟି) ଅଧୀନରେ ବାୟୋ ସିଏନ୍‌ଜି ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଯୋଜନା କରୁଛି। କମ୍ପାନୀ ନର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଉକ୍ତ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ବହୁବିଧ ବ୍ୟବସାୟିକ କାର୍ଯ୍ୟ ପରିଚାଳନା ସମ୍ପ୍ରସାରଣର ଏକ ଅଂଶ ଯାହାକୁ କମ୍ପାନୀ ଆଗାମୀ ୨-୩ ବର୍ଷ ମଧ୍ୟରେ କରିବାକୁ ଯୋଜନା କରୁଛି। ବୋର୍ଡ ମନେକରୁଛି ଯେ ବାୟୋ ସିଏନ୍‌ଜି ପ୍ରୋଜେକ୍ଟ ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟସମୂହ ହାସଲ କରିବା ଏବଂ ପ୍ରାକୃତିକ ଗ୍ୟାସ୍ ଓ ଅଶୋଧିତ ତୈଳ ଆମଦାନୀ ପରିମାଣ ହ୍ରାସ କରିବ ଏବଂ ଏହାଦ୍ୱାରା ବିପୁଳ ପରିମାଣ ବୈଦେଶିକ ବିନିମୟ ମୁଦ୍ରା ସଞ୍ଚୟ କରାଯାଇପାରିବ। ଏହା ମଧ୍ୟ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ/ ଗ୍ୟାସ୍‌ର ମୂଲ୍ୟଗତ ଅସ୍ଥିରତା ସମୟରେ ଏକ ଆପତ୍କାଳୀନ ବ୍ୟବସ୍ଥା ଭାବରେ ଛିଡାହୋଇପାରିବ ଏବଂ ରାଷ୍ଟ୍ରକୁ ସ୍ୱାବଲମ୍ବୀ କରାଇବ। ଭାରତ ସରକାର କମ୍ପ୍ରେସ୍ଡ୍ ବାୟୋଗ୍ୟାସ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ ଏବଂ ତାହାକୁ ଯାନବାହନଗୁଡିକରେ ବ୍ୟବସାୟିକ ସୂତ୍ରରେ ବ୍ୟବହାର କରିବା ଲକ୍ଷ୍ୟରେ ୨୦୧୮ରେ ଏସ୍‌ଏଟିଏଟି ଯୋଜନା ପ୍ରଚଳନ କରିଥିଲେ, ଯାହାଦ୍ୱାରା ପ୍ରଦୂଷଣ ସ୍ତରକୁ ଉଲ୍ଲେଖନୀୟ ପରିମାଣରେ ହ୍ରାସ କରାଯାଇପାରିବ। ଏହା ଔଦ୍ୟୋଗିକତା, ଗ୍ରାମ୍ୟ ଅର୍ଥନୀତି ଏବଂ ନିଯୁକ୍ତିରେ ଉନ୍ନତି ଘଟାଇବା ଲକ୍ଷ୍ୟ ରଖିଛି।




# କମିଲା ଅଟୋମୋବାଇଲ୍ ରପ୍ତାନୀ

## ୨୦୨୩ରେ ୨୧ ପ୍ରତିଶତ ହ୍ରାସ: ସିଆମ୍

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଗତବର୍ଷ ଭାରତର ଅଟୋମୋବାଇଲ୍ ରପ୍ତାନୀରେ ୨୧ ପ୍ରତିଶତ ହ୍ରାସ ଘଟିଛି। ବିଦେଶ ବଜାରରେ ଭୂ-ରାଜନୈତିକ ଅସ୍ଥିରତା ଓ ମାନ୍ଦାବସ୍ଥା ଯୋଗୁ ରପ୍ତାନୀ ହ୍ରାସ ହୋଇଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆ ଅଟୋମୋବାଇଲ୍ ମ୍ୟାନୁଫାକଚର୍ସ(ସିଆମ୍) ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି।

ସିଆମ୍ ରିପୋର୍ଟ ଅନୁସାରେ, ୨୦୨୩ରେ ୪୨,୮୫,୮୦୯ ୟୁନିଟ କାର୍ ଆଦି ଗାଡ଼ି ବିକ୍ରି ହୋଇଛି। ହେଲେ ୨୦୨୨ରେ ୫୨,୦୪,୯୬୬ ୟୁନିଟ ଗାଡ଼ି ବିକ୍ରି ହୋଇଥିଲା। ତେବେ ଯାତ୍ରୀବାହୀ ଗାଡ଼ିର ରପ୍ତାନୀ ସାମାନ୍ୟ ବୃଦ୍ଧି ପାଇ ୬,୭୭,୯୫୬ ୟୁନିଟ୍ ହୋଇଛି। ଯାହା ୨୦୨୨ରେ ୬,୪୪,୮୪୨ ୟୁନିଟ୍ ରହିଥିଲା। ସେହିପରି ଅନ୍ୟ ସେଗ୍‌ମେଣ୍ଟରେ ଯଥା ବାଣିଜ୍ୟିକ ଗାଡ଼ି- ମୋଟର ସାଇକଲେ ଓ ତିନି ଚକିଆ ଯାନ ବିକ୍ରି ବର୍ଷ ୨୦୨୨ ଅପେକ୍ଷା ୨୦ ହ୍ରାସ ପାଇଛି। ୨୦୨୨ରେ ୪୦, ୫୩,୨୫୪ ୟୁନିଟ୍ ବିକ୍ରି ହୋଇଥିଲ। ୨୦୨୩ରେ ୩୨,୪୩,୬୭୩



ୟୁନିଟ ବିକ୍ରି ହୋଇଛି। ସେହିପରି ବାଣିଜ୍ୟିକ ଯାନ ରପ୍ତାନି ୬୮,୪୭୩ ୟୁନିଟ୍ ରପ୍ତାନୀ ରହିଥିବାବେଳେ ୨୦୨୨ରେ ଏହା ୮୮,୩୦୫ ୟୁନିଟ୍ ରହିଥିଲା। ବିଶେଷ କରି ତିନି ଚକିଆଯାନ ରପ୍ତାନୀରେ ୩୦ ପ୍ରତିଶତ ହ୍ରାସ ପାଇଛି। ୨୦୨୩ରେ ୨,୯୧,୯୧୯ ୟୁନିଟ୍ ରପ୍ତାନୀ ହୋଇଥିବା ବେଳେ ୨୦୨୨ରେ ଏହା ୪,୧୭୮ ୟୁନିଟ ରହିଥିଲା ବୋଲି ଏସ୍‌ଆଇଏଏମ୍ ମହା ନିର୍ଦ୍ଦେଶକ ରାଜେଶ ମେନନ ପିଟିଆଇକୁ ସୂଚନା ଦେଇ କହିଛନ୍ତି। ସୂଚନାଥାଉକି ଆର୍ଥିକବର୍ଷ ଏପ୍ରିଲ-ଡିସେମ୍ବରରେ ମାରୁତି ସୁଜୁକି ଯାତ୍ରୀବାହୀ ଯାନ ରପ୍ତାନୀର ସବୁଠାରୁ ଆଗରେ ଥିଲେ। କମ୍ପାନୀ ୨,୦୩,୭୮୬ ୟୁନିଟ୍ ବିକ୍ରି କରିଥିଲା। ବର୍ଷକ ପୂର୍ବରୁ କମ୍ପାନୀ ୧,୯୨,୦୭୧ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା। ଏଥର ୬ ପ୍ରତିଶତ ଅଧିକ ଯାତ୍ରୀବାହୀ ଯାନ ରପ୍ତାନୀ କରିଛି ମାରୁତି।

### ପଛରେ ପଡ଼ିଲା ଡ୍ରାଗନ୍

# ଆମେରିକାକୁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନୀ ଦୁଇଗୁଣ ବଢ଼ିଲା

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଇଲେକ୍ଟ୍ରୋନିକ୍ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଭାରତ ବେଶ ଅଭିବୃଦ୍ଧି ହାସଲ କରିଛି। ୨୦୨୩ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ଦେଶ ବର୍ଷ ହିସାବରେ ଆମେରିକାକୁ ଦୁଇଗୁଣରୁ ଅଧିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନୀ କରିଛି, ଯାହା ୬.୬ ବିଲିୟନ ଡଲାର ହେବ ବୋଲି ଶିଳ୍ପ ସଂଗଠନ ଆଇସିଇଏ (ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ)ର ଅଧ୍ୟକ୍ଷ ପଙ୍କଜ ମହିନ୍ଦ୍ରୋ ସୂଚନା ଦେଇଛନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଆମେରିକା ଚୀନଠାରୁ ଏହାର ଇଲେକ୍ଟ୍ରୋନିକ୍ ସାମଗ୍ରୀ ଆମଦାନୀ କମାଇଛି। ଏ ନେଇ ମହିନ୍ଦ୍ରୋ କହିଛନ୍ତି ଯେ ତଥ୍ୟ ଅନୁସାରେ ୨୦୨୩ ଜାନୁଆରୀରୁ-ସେପ୍ଟେମ୍ବର ମଧ୍ୟରେ ଆମେରିକାକୁ ଭାରତୀୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନୀ ବୃଦ୍ଧି ପାଇଛି। ପାଖାପାଖି ୨୫୩ ପ୍ରତିଶତ ବୃଦ୍ଧି ହୋଇଛି। ଯାହାର ଆକଳନ ମୂଲ୍ୟ ୬.୬ ବିଲିଅନ ଡଲାର ହେବ। ଗତବର୍ଷ ସମାନ ଅବଧିରେ ଏହା ୨.୬ ବିଲିୟନ ଡଲାର ରହିଥିଲା। ଆଇସିଇଏ ଜାରି କରିଥିବା ତଥ୍ୟ ଅନୁସାରେ, ଭାରତ ୨୦୧୮ ତୁଳନାରେ ୨୦୨୩ରେ ଆମେରିକାକୁ ୩୦୦ ପ୍ରତିଶତକୁ ଅଧିକ




ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନୀ ହୋଇଛି। ୨୦୧୮ରେ ଏହାର ଆକଳନ ମୂଲ୍ୟ ୧.୩ ବିଲିୟନ ଡଲାର ରହିଥିଲା। ତେବେ ୨୦୨୨ରେ ଏହା ୪.୫ ବିଲିୟନ ଡଲାରକୁ ବୃଦ୍ଧି ହୋଇଥିଲା। ୨୦୨୩ରେ ଏହାର ପରିମାଣ ୬.୬ ବିଲିୟନ ଡଲାର ହୋଇଛି। ଆମେରିକା ସହିତ ଭାରତରେ ଦ୍ୱିପାକ୍ଷିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବ୍ୟବସାୟ ୮୪ ପ୍ରତିଶତ ବଢ଼ିଛି। ରିପୋର୍ଟ ଅନୁସାରେ, ୨୦୨୩ରେ ଏହି କାରବାର ୯ ବିଲିୟନ ଡଲାର ହୋଇଥିବାବେଳେ ପୂର୍ବବର୍ଷ ସମାନ ଅବଧିରେ ଏହା ମାତ୍ର ୪.୯ ବିଲିଅନ ଡଲାର ରହିଥିଲା। ଆମେରିକା ଓ ଭାରତ ମଧ୍ୟରେ ଇଲେକ୍‌ଟ୍ରୋନିକ୍ସ ବ୍ୟବସାୟ ବୃଦ୍ଧି କରିବାକୁ ଅଗଷ୍ଟ ୨୦୨୩ରେ ଆଇସିଇଏ ଇଣ୍ଡୋ ୟୁଏସ୍ ଟାସ୍କ ଫୋର୍ସ ଗଠନ କରିଥିଲା। ଦଶନ୍ଧୀ ମଧ୍ୟରେ ଦୁଇ ଦେଶ ମଧ୍ୟରେ କାରବାର ୧୦୦ ବିଲିଅନ ଡଲାରକୁ ପହଞ୍ଚାଇବା ଏହାର ଉଦ୍ଦେଶ୍ୟ। ଗତ ୯ ମାସ ଭିତରେ ଏଥିରେ ଭଲ ଅଭିବୃଦ୍ଧି ହୋଇଛି ବୋଲି ଶ୍ରୀ ଶର୍ମା କହିଛନ୍ତି। ଅନ୍ୟପକ୍ଷେ ଚୀନ ଉପରେ ନିର୍ଭରଶୀଳତା କମାଇଛି ଆମେରିକା। ଚୀନଠାରୁ ଆମେରିକାର ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଆମଦାନୀ ୨୦୨୩ରେ ୪୬ ପ୍ରତିଶତ ହ୍ରାସ ଘଟିଛି। ୨୦୧୮ରେ ମଧ ଆମେରିକା ୨୪ ପ୍ରତିଶତ କମ୍ ଆମଦାନୀ କରିଥିଲା। ଏହି ବର୍ଷ ଟ୍ରମ୍ପ ସରକାର ଚୀନ ସାମଗ୍ରୀ ଉପରେ ୨୫ ପ୍ରତିଶତ ଟିକସ ଲାଗୁ କରିଥିଷଲ। ତେବେ କେବଳ ଭାରତ ନୁହେଁ ଭିଏତନାମ ଓ ତାଇୱାନ ମଧ୍ୟ ଆମେରିକାକୁ ବହୁ ପରିମାଣରେ ଇଲେକ୍ଟ୍ରୋନିକ୍ ସାମଗ୍ରୀ ରପ୍ତାନୀ କରିଛନ୍ତି। ଏହି ଦୁଇ ଦେଶ ରପ୍ତାନୀରେ ଯଥାକ୍ରମେ ୪୨୦ ପ୍ରତିଶତ ଓ ୨୩୯ ପ୍ରତିଶତ ବୃଦ୍ଧି କରିଛନ୍ତି। ତେବେ ଭାରତ ବିଶେଷ କରି ସ୍ମାର୍ଟଫୋନ୍ ରପ୍ତାନୀ କ୍ଷେତ୍ରରେ ଆଗାମୀ ୩-୫ ବର୍ଷ ମଧ୍ୟରେ ୫ଗୁଣା ବଢ଼ାଇପାରିବ ବୋଲି ଆଇସିଇଏ ଅଧ୍ୟକ୍ଷ ପଙ୍କଜ ମହିନ୍ଦ୍ରୋ କହିଛନ୍ତି।

### ଅର୍ଥ ମନ୍ତ୍ରଣାଳୟ ନେଲା କଡ଼ା କାର୍ଯ୍ୟାନୁଷ୍ଠାନ

# ଭାରତରେ କ୍ରିପ୍ଟୋ ଏକ୍ସଚେଞ୍ଜ ୱେବ୍‌ସାଇଟ୍ ନିଷିଦ୍ଧ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ବିଦେଶୀ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବର୍ତ୍ତମାନ ଭାରତରେ ବିନାନ୍ସ, କୁକଏନ୍ ଏବଂ ଓକେଏକ୍ସ ପରି କ୍ରିପ୍ଟୋ ପ୍ଲାଟଫାର୍ମଗୁଡିକର ୱେବସାଇଟ୍‌କୁ ନିଷିଦ୍ଧ କରାଯାଇଛି। ସରକାରଙ୍କ ଅଭିଯୋଗ ଏହା ଯେ, କ୍ରିପ୍ଟୋ ପ୍ଲାଟଫର୍ମଗୁଡିକ ମନି ଲଣ୍ଡରିଂ ଆଇନ ଅନୁପାଳନ ନ କରି ଭାରତରେ କାର୍ଯ୍ୟ ଜାରି ରଖିଛନ୍ତି। ଏଥିରେ ଭାରତ ସରକାରଙ୍କୁ ହାରାହାରି ପ୍ରତିବର୍ଷ ୩୦୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କାର୍ଯ୍ୟାନୁଷ୍ଠାନର ସମ୍ପର୍କରେ ସୂଚନା ଦେଇଛନ୍ତି ।

ଆରବିଆଇ ଗଭର୍ଣ୍ଣର କହିଛନ୍ତି ଯେ, କ୍ରିପ୍ଟୋ ପ୍ରତି କେନ୍ଦ୍ରୀୟ ବ୍ୟାଙ୍କର ମନୋଭାବରେ କୌଣସି ମଧ୍ୟ ପରିବର୍ତ୍ତନ ହୋଇନାହିଁ। କ୍ରିପ୍ଟୋକରେନ୍ସିକୁ ନେଇ କେଉଁଠାରେ କ'ଣ କରାଯାଉଛି ତାର କୌଣସି ମୂଲ୍ୟ ନାହିଁ। ଯଦି ଲୋକମାନେ କ୍ରିପ୍ଟୋ କରେନ୍ସି ପଛରେ ଦୌଡୁଛନ୍ତି ତେବେ ସେମାନଙ୍କୁ କ୍ଷତିର ସାମ୍ନା କରିବାକୁ ପଡିବ। ଟ୍ୟୁଲିପ ମେନିୟାର ଉଦାହରଣ ଦେଇ ସେ କହିଛନ୍ତି ଯେ, ମୋତେ ଲାଗୁନାହିଁ ଦୁନିଆ ଏବଂ ପ୍ରଗତିଶୀଳ ବଜାର କ୍ରିପ୍ଟୋ ମାନିଆକୁ ସହ୍ୟ କରିପାରିବେନାହିଁ। ସେହିପରି ୧୭ତମ ଶତାବ୍ଦୀରେ ଡଚ୍ ଟ୍ୟୁଲିପର ମୂଲ୍ୟରେ ଜବରଦସ୍ତ ବୃଦ୍ଧି ଘଟିଥିଲା। ରିପୋର୍ଟ ଅନୁଯାୟୀ, ଡିସେମ୍ବର ୨୦୨୩ରେ ଅର୍ଥ ମନ୍ତ୍ରଣାଳୟର ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ ଏହି ପ୍ଲାଟଫର୍ମସକୁ ନୋଟିସ ଜାରି କରିଥିଲେ। ଏଥିସହ ସୂଚନା ଟେକ୍ନୋଲୋଜି ମନ୍ତ୍ରଣାଳୟରେ ଏହାର ୟୁଆରଏଲ ବ୍ଲକ କରିବାକୁ ମଧ୍ୟ କୁହାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ବିନାନ୍ସ, କୁକାଇନ ଏବଂ ଓକେଏକ୍ସ ବ୍ୟତୀତ ହୁଓବି, କ୍ରାକେନ, ଗେଟ.ଆଇଓ ବିଟ୍ରେକ୍ସ, ବିଟଷ୍ଟେପ, ଏମଇଏକ୍ସସି ଗ୍ଲୋବାଲ ଏବଂ ବିଟଫିନେକ୍ସକୁ ମଧ୍ୟ ନିଷିଦ୍ଧ କରିଛି। ଏହି କ୍ରିପ୍ଟୋ ପ୍ଲାଟଫର୍ମକୁ ଆପଲ ଆପ ଷ୍ଟୋରରୁ ହଟାଯାଇଛି। ଖୁବ ଶୀଘ୍ର ଏହାର ଆଣ୍ଡ୍ରଏଡ ଭର୍ଜନ ମଧ୍ୟ କାମ କରିବା ବନ୍ଦ କରିଦେବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିନାନ୍ସ କହିଛି ଯେ, ଆମର ୱେବସାଇଟ୍ ଏବଂ ଆପ୍ ଭାରତରେ କାମ କରୁନାହିଁ।

# ଲୋକସଭା ନିର୍ବାଚନ ପୂର୍ବରୁ ବଢ଼ିବ ମହଙ୍ଗା ଭତ୍ତା !

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ପାଖଉଛି ଲୋକସଭା ନିର୍ବାଚନ। ଏହାପୂର୍ବରୁ ମୋଦୀ ସରକାର କର୍ମଚାରୀଙ୍କୁ ଦୁଇଟି ବଡ଼ ଫାଇଦା ଦେଇପାରନ୍ତି। ନିର୍ବାଚନ ପୂର୍ବରୁ ଜାନୁଆରୀ-ଜୁନ୍ ଅବଧି ପାଇଁ ସରକାର କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି କରିପାରନ୍ତି। ପ୍ରତିବର୍ଷ କେନ୍ଦ୍ର ସରକାର ଜାନୁଆରୀ-ଜୁନ୍ ପର୍ଯ୍ୟନ୍ତ ୬ ମାସ ପାଇଁ କର୍ମଚାରୀଙ୍କୁ ବଡ଼ ଉପହାର ଦେଇଥାନ୍ତି। ଏହାଫଳରେ ୪୮ ଲକ୍ଷରୁ ଅଧିକ କେନ୍ଦ୍ର କର୍ମଚାରୀ ଓ ୬୮ ଲକ୍ଷ ପେନସନଧାରୀ ଉପକୃତ ହୋଇଥାନ୍ତି।

ତେବେ ସୂଚନା ମୁତାବକ, ୨୦୨୪ ବର୍ଷ ଜାନୁଆରୀ-ଜୁନ ଅବଧି ପାଇଁ କେନ୍ଦ୍ର ସରକାର ମହଙ୍ଗା ଭତ୍ତାରେ ବୃଦ୍ଧି କରିପାରନ୍ତି। ଆସନ୍ତା ବର୍ଷ ଏପ୍ରିଲ- ମେ ମାସ ପର୍ଯ୍ୟନ୍ତ ଲୋକସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଏପରି ସ୍ଥିତିରେ କେନ୍ଦ୍ର ସରକାର କର୍ମଚାରୀଙ୍କ ଡିଏ ବୃଦ୍ଧିକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇପାରନ୍ତି। ତେବେ କେନ୍ଦ୍ର ସରକାର ନୂଆ ବର୍ଷ ଆରମ୍ଭରୁ ଲକ୍ଷ ଲକ୍ଷ କର୍ମଚାରୀଙ୍କୁ ଏହି ଖୁସି ଖବର ଦେଇପାରନ୍ତି। ସେହିପରି ଗତ ୨୦୨୦ ମସିହା ଜୁନ ମାସଠାରୁ ୨୦୨୧ ମସିହା ପର୍ଯ୍ୟନ୍ତ କର୍ମଚାରୀଙ୍କ ବକେୟା ଡିଏକୁ ନେଇ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇପାରନ୍ତି। ବକେୟା ଡିଏକୁ ନେଇ କର୍ମଚାରୀମାନେ ଦୀର୍ଘଦିନ ହେଲା ଦାବି କରିଆସୁଥିବାବେଳେ ତା' ଉପରେ ଏବେ ବିଚାର କରାଯିବ ବୋଲି କୁହାଯାଉଛି। ଲୋକସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ଦେଶରେ ନିର୍ବାଚନ ଆଚରଣ ସଂହିତା ଲାଗୁ ହୋଇଯିବ। ଏହାପରେ କେନ୍ଦ୍ର ସରକାର ଡିଏ ବୃଦ୍ଧି କରିପାରିବେ ନାହିଁ। ତେଣୁ ମୋଦୀ ସରକାର କର୍ମଚାରୀଙ୍କୁ ଆକର୍ଷିତ କରିବା ପାଇଁ ନିର୍ବାଚନ ପୂର୍ବରୁ ଡିଏ ବୃଦ୍ଧି ନିଷ୍ପତ୍ତି ନେଇପାରନ୍ତି।

### ଏଲନ୍ ମସ୍କଙ୍କ ନୂଆ ଯୋଜନା

# ଏକ୍ସରେ ମିଳିବ ପେମେଣ୍ଟ ସୁବିଧା

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଦେଶରେ ଡିଜିଟାଲପେମେଣ୍ଟରପ୍ରଚଳନବଢିଚାଲିଛି। ବର୍ତ୍ତମାନ ଆମେ ଅନ୍‌ଲାଇନ ପେମେଣ୍ଟ ପାଇଁ ପେଟିଏମ,ଫୋନ୍‌ପେ,ଗୁଗୁଲ୍‌ପେ ପରି ଆପର ବ୍ୟବହାର କରୁଛୁ। ସେହିପରି ଟେସ୍‌ଲା ଏବଂ ସ୍ପେସଏକ୍ସର ସିଇଓ ଏଲନ୍ ମସ୍କ ଖୁସଶୀଘ୍ର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଏପରି ନୂଆ ଫିଚର ଆଣିବାକୁ ଯାଉଛନ୍ତି ଯାହାକି ଲାଭଦାୟକ ହୋଇପାରେ। କମ୍ପାନୀ ଖୁବଶୀଘ୍ର ଏକ୍ସରେ ପେମେଣ୍ଟ ଫିଚର ରୋଲଆଉଟ କରିବ। ଏହି ଫିଚରରେ ୟୁଜର୍ସମାନେ ପେମେଣ୍ଟ କରିପାରିବେ।

ଏହି କଥାକୁ ନେଇ ଏଲନ୍ ମସ୍କ ନିଜେ ଖୁଲାସା କରିଛନ୍ତି। ସେ ଏକ ବ୍ଲଗରେ କହିଛନ୍ତି ଯେ, ଖୁବ ଶୀଘ୍ର ଏକ୍ସ ଆପ୍ ସାହାଯ୍ୟରେ ଅନଲାଇନ୍ ପେମେଣ୍ଟ କରିପାରିବେ। ଏଥିସହ ମସ୍କ ଏହା ମଧ୍ୟ କହିଛନ୍ତି ଯେ, ଏକ୍ସ କେବଳ ମାଇକ୍ରୋବ୍ଲଗିଙ୍ଗ ସାଇଟ ହୋଇ ରହିବନାହିଁ ବରଂ ଏହି ଆପରେ ବହୁ କାମ ହୋଇପାରିବ। ମସ୍କ ଏକ୍ସ ପେମେଣ୍ଟ ଫିଚରର ଶୁଭାରମ୍ଭ ତାରିଖ ଘୋଷଣା କରିନାହାନ୍ତି । ଏହି ଫିଚର ସାରା ବିଶ୍ୱରେ ଆରମ୍ଭ କରାଯିବ। ଗତ ବର୍ଷ ଏହି ନୂଆ ଫିଚର ନେଇ ଏକ୍ସ ସିଇଓ ଲିଣ୍ଡା ୟାକାରିନୋ ସଙ୍କେତ ଦେଇଛନ୍ତି ଯେ, ଖୁବଶୀଘ୍ର ଏକ ନୂଆ ଫିଚର ଜାରି କରାଯିବ। ଅକ୍ଟୋବର ୨୦୨୨ରେ ୪୪ ବିଲିୟନ ଡଲାରରେ ଟ୍ୱିଟରର ଅଧିଗ୍ରହଣ କରିବା ପରେ ଏଲନ ମସ୍କ ଏକ୍ସରେ ବହୁ ପରିବର୍ତ୍ତନ କରିସାରିଛନ୍ତି।

### ଆରବିଆଇ ରିପୋର୍ଟ

# ବ୍ୟାଙ୍କ ଜମା ୭ ବର୍ଷରେ ଦ୍ୱିଗୁଣ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି)**

ସାତ ବର୍ଷ ମଧ୍ୟରେ ଦେଶର ବ୍ୟାଙ୍କରେ ଜମା ହୋଇଥିବା ଅର୍ଥ ପରିମାଣ ଦ୍ୱିଗୁଣିତ ହୋଇଛି। ଫଳରେ ବ୍ୟାଙ୍କ ଜମା ପ୍ରଥମ ଥର ପାଇଁ ୨୦୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହା ଦର୍ଶାଉଛି ଯେ ୫-୬ ପ୍ରତିଶତ ସୁଧ ସତ୍ତ୍ୱେ ବ୍ୟାଙ୍କରେ ଟଙ୍କା ଜମା କରିବା ନେଇ ଲୋକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବେ ବି ରହିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ପ୍ରକାଶିତ ତଥ୍ୟରେ କୁହାଯାଇଛି।

ଆରବିଆଇ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୨୦୧୬ରେ ବ୍ୟାଙ୍କଗୁଡିକରେ ଜମା ହୋଇଥିବା ମୋଟ ପରିମାଣ ୧୦୦ ଲକ୍ଷ କୋଟି ଟଙ୍କା ଥିଲା। ବାର୍ଷିକ ଭିତ୍ତିରେ ଏଥିରେ ୯.୫ ପ୍ରତିଶତ ବୃଦ୍ଧି ପଞ୍ଜୀକୃତ ହୋଇଛି। ଏହାର ଅର୍ଥ ହେଉଛି ଭାରତୀୟ ବ୍ୟାଙ୍କରେ ଲୋକଙ୍କ ଜମା ରାଶି ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ୧୦୦ ଲକ୍ଷ କୋଟି

| ପ୍ରଥମ ଥର | ୨୦୧୬ରେ |
|---|---|
| ୨୦୦ ଲକ୍ଷ | ୧୦୦ ଲକ୍ଷ |
| କୋଟି ଟପିଲା | କୋଟି ଥିଲା |

ଟଙ୍କା ବୃଦ୍ଧି ଘଟିଛି। ୨୦୨୩ ଡିସେମ୍ବର ୨୯ ସୁଦ୍ଧା ବ୍ୟାଙ୍କ ଜମା ରାଶି ୨୦୦.୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୨ ତୁଳନାରେ ଏହା ୧୩.୨ ପ୍ରତିଶତ ବୃଦ୍ଧି ପାଇଛି। ତେବେ ବ୍ୟାଙ୍କ ଜମା ମଧ୍ୟ ଏକ ସମୟରେ ବୃଦ୍ଧି ପାଇଛି ଯେତେବେଳେ ଲୋକମାନେ ମ୍ୟୁଚୁଆଲ ଫଣ୍ଡ ଏବଂ ଶେୟାର ବଜାରରେ ବିପୁଳ ପରିମାଣରେ ଅର୍ଥ ବିନିଯୋଗ କରୁଛନ୍ତି। ଘରୋଇ ଶେୟାର ବଜାରର ବଜାର ପୁଞ୍ଜି ୩୭୩ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ମ୍ୟୁଚୁଆଲ




ଫଣ୍ଡର ପରିଚାଳନା (ଏୟୁଏମ୍) ଅଧୀନରେ ଥିବା ସମ୍ପତ୍ତି ଅର୍ଥାତ୍ ନିବେଶକଙ୍କ ନିବେଶର ମୂଲ୍ୟ ପ୍ରଥମ ଥର ପାଇଁ ୫୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବିଗତ ୧୦ ବର୍ଷରେ ଫଣ୍ଡ ହାଉସ୍‌ଗୁଡିକର ଏୟୁଏମ୍ ଛଅ ଗୁଣ ବୃଦ୍ଧି ପାଇଛି। ଗତ ବର୍ଷ ଏହା ୧୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି।

ଆରବିଆଇ ତଥ୍ୟରେ ଏହା କୁହାଯାଇଛି ଯେ, ବ୍ୟାଙ୍କରେ ଜମା ହୋଇଥିବା ଅର୍ଥ ରାଶି ମଧ୍ୟରୁ ୧୭୬ ଲକ୍ଷ କୋଟି ଟଙ୍କା ଅବଧି ବା ଟର୍ମ ଜମା ଏବଂ ଅବଶିଷ୍ଟ ଅର୍ଥ ସଞ୍ଚୟ ଏବଂ ଚଳନ୍ତି ଖାତାରେ ରହିଛି। ଏହି ସମୟ ମଧ୍ୟରେ ବ୍ୟାଙ୍କଗୁଡିକ ୧୫୯.୬ ଲକ୍ଷ କୋଟି ଟଙ୍କା ଋଣ ଦେଇଛନ୍ତି। ୨୦୨୨ ତୁଳନାରେ ଏଥିରେ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ୧୯୯୭ ମସିହାରେ ବ୍ୟାଙ୍କଗୁଡିକରେ ଜମା ହୋଇଥିବା ଅର୍ଥ ପରିମାଣ ୫.୧ ଲକ୍ଷ କୋଟି ଟଙ୍କା ରହିଥିଲା। ଗତ ଚାରି ବର୍ଷରେ ଏହା ୧୦ ଲକ୍ଷ କୋଟି ଟଙ୍କା ହୋଇଯାଇଛି। ଏହାପରେ, ମାର୍ଚ୍ଚ ୨୦୦୬ରେ ଏହି ପରିମାଣ ଦ୍ୱିଗୁଣିତ ହୋଇ ୨୦ ଲକ୍ଷ କୋଟିରେ ପହଞ୍ଚିଛି। ମାର୍ଚ୍ଚ ୨୦୦୬ରୁ ଜୁଲାଇ ୨୦୦୯ ମଧ୍ୟରେ ବ୍ୟାଙ୍କଗୁଡିକରେ ଜମା ରାଶିରେ ଦ୍ରୁତ ଗତିରେ ବୃଦ୍ଧି ଘଟି ୪୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।



ଶିଶିର ସରସ-୨୦୨୪

# ମେଳା ସରୁଛି, ଭିଡ଼ ବଢୁଛି




**ଭୁବନେଶ୍ୱର, ୧୪।୧(ସମିସ):**

ଆଉ ଦିନକପରେ ସରିବ ଶିଶିର ସରସ-୨୦୨୪। ତେବେ ମେଳା ସରିବାକୁ ଆଉ ଗୋଟିଏ ଦିନ ଥିବା ବେଳେ ରବିବାର ସରକାରୀ ଛୁଟି ପାଇଁ ନବମ ଦିନରେ ମେଳା ପରିସରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦିନ ୧୧ଟାରୁ ଲୋକଙ୍କ ଭିଡ଼ ଆରମ୍ଭ ହୋଇଥିଲା। ଏମିତି କି ରାଜଧାନୀ ଉପକଣ୍ଠ ସମେତ ଖୋର୍ଦ୍ଧା, ଜଟଣୀ, କଟକ, ପିପିଲି, ନିମାପଡ଼ା ଆଦି ଅଞ୍ଚଳରୁ ଗ୍ରାହକଙ୍କୁ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ହେବା ପରେ ରାଜଧାନୀବାସୀଙ୍କ ଭିଡ଼ ମେଳା ପରିସରର ଗହଳିକୁ ବଢ଼ାଇ ଦେଇଥିଲା। ଗାଡ଼ି ଷ୍ଟାଣ୍ଡରେ ଗାଡ଼ି ରଖିବାକୁ ଜାଗା ନ ଥିବାରୁ ବରମୁଣ୍ଡା ଗାଁ ରାସ୍ତାରେ ମଧ୍ୟ ଗାଡ଼ିମୋଟର ରଖାଯାଇଥିବା ଦେଖିବାକୁ ମିଳିଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, ସନ୍ଧ୍ୟା ୭ଟାରୁ ୮ଟା ଭିତରରେ ମେଳା ଭିତରୁ ବାହାରିବା କାଠିକର ପାଠ ହୋଇ ପଡ଼ିଥିଲା। ରାତି ପ୍ରାୟ ୯ଟା ମେଳକୁ ଅଧିକାଂଶ ଫୁଡ୍ ଷ୍ଟଲ୍‌ରେ ଖାଦ୍ୟ ସରି ଯାଇଥିଲା। ଆଜିର ସନ୍ଧ୍ୟାରେ ମହମ୍ମଦ ଫେଜ ମ୍ୟୁଜିକାଲ ନାଇଟ ଆୟୋଜିତ ହୋଇଥିଲା।

**ରବିବାର ଛୁଟିପାଇଁ ସାରାଦିନ ଜନଗହଳି**



ଦ୍ୱିତୀୟ ଦିନରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ପକ୍ଷରୁ ଏକାମ୍ର କାନନରେ ଚାଲିଥିବା ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ

## ରିମାଣ୍ଡରେ ଆସିବେ ୫ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରା

**ଭୁବନେଶ୍ୱର, ୧୪।୧(ସମିସ):** ବିମାନ ବନ୍ଦରରୁ ଗିରଫ ହୋଇଥିବା ୫ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ କମିସନରେଟ୍ ପୁଲିସ। ଏନେଇ କମିସନରେଟ୍ ପୁଲିସ ପକ୍ଷରୁ ବାଲେଶ୍ୱର କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରିବ। ବାଲେଶ୍ୱର ଜିଲ୍ଲା ଖଇରା ଏବଂ ସୋର ଅଞ୍ଚଳରୁ ଏଟିଏମ୍ ଲୁଟ୍ କରିଥିବା ଆନ୍ତଃରାଜ୍ୟ ଗ୍ୟାଙ୍ଗ୍ ବିମାନ ବନ୍ଦରରୁ ଦୁଇଦିନ ତଳେ କମିସନରେଟ୍ ପୁଲିସ ଧରିଥିଲା। ସେମାନଙ୍କୁ ବାଲେଶ୍ୱର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କମିସନରେଟ୍ ପୁଲିସ ତଦନ୍ତ କରିବା ପରେ ଏହି ଗ୍ୟାଙ୍ଗ୍ ଲିଙ୍ଗରାଜ ଥାନା ଅଞ୍ଚଳରେ ହୋଇଥିବା ଏଟିଏମ୍ ଲୁଟ୍, ପୁରୀ ଏବଂ କଟକରେ ହୋଇଥିବା ଏଟିଏମ୍ ଲୁଟ୍‌ରେ ସମ୍ପୃକ୍ତ ଥିବା ସ୍ପେଶାଲ ସ୍କ୍ୱାଡ୍ ତଦନ୍ତରୁ ଜାଣିବାକୁ ପାଇଛି। ତାଙ୍କ ନିକଟରୁ ୭ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଲୁଟ୍‌ର ୭ ଦିନ ପୂର୍ବରୁ ଏହି ଗ୍ୟାଙ୍ଗ୍‌ର ସଦସ୍ୟ ଗୁଗ୍‌ଲ ମ୍ୟାପ ଦେଖି ଯୋଜନା ପ୍ରସ୍ତୁତ କରୁଥିଲେ।

**ଗୁଗଲ ମ୍ୟାପ୍ ଦେଖି କରୁଥିଲେ ଲୁଟ୍ ଯୋଜନା**

## ନିବସ୍ତ୍ର ଯୁବତୀଙ୍କୁ ଭର୍ଚ୍ଚୁଆଲ ଝଡ଼ାଫୁଙ୍କା କରୁଥିଲା ନୀଳାମ୍ବର

**ଭୁବନେଶ୍ୱର, ୧୪।୧(ସମିସ):** ଗ୍ରହଶାନ୍ତି ନାମରେ ଜଣେ ଆଇଟି ମହିଳାଙ୍କୁ ଠକିବା ଏବଂ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ଗିରଫ ହୋଇଥିବା ଜ୍ୟୋତିଷ ନୀଳାମ୍ବର ପାଣିଙ୍କର ଖୋଲୁଛି ଗୁମର। ନିବସ୍ତ୍ର କରି ଭର୍ଚ୍ଚୁଆଲରେ ଝଡ଼ାଫୁଙ୍କା କରୁଥିବା ନେଇ ରବିବାର ଆଉ ଜଣେ ଯୁବତୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ଏହି ସବୁ ଅଭିଯୋଗର ସତ୍ୟାସତ ଜାଣିବା ପାଇଁ ଭଣ୍ଡବାବାକୁ ରିମାଣ୍ଡରେ ଅଣାଯିବ ବୋଲି ଅତିରିକ୍ତ ଡିସିପି ପ୍ରକାଶ ପାଲ ସୂଚନା ଦେଇଛନ୍ତି। ୫ବର୍ଷର ପୁରୁଣା ସମ୍ପର୍କକୁ ଯୋଡ଼ିବାକୁ ଲବଙ୍ଗ ବାବା ଓରଫ୍ ନୀଳାମ୍ବର ଚକ୍ରାନ୍ତ କରିଥିଲା। ଅନ୍‌ଲାଇନ୍‌ରେ ନୀଳାମ୍ବର ଯୁବତୀଙ୍କ ନଗ୍ନ ଦେଖିଥିଲା। ବାବା ମିଛ ମିଛିକା ଛଡ଼ା ଫୁଙ୍କା କରିବା ସହ ଯୁବତୀଙ୍କ ଉଲଗ୍ନର ସୁଯୋଗ ନେଇ ଭିଡିଓ ରେକର୍ଡ୍ କରିଥିଲା। ପରେ ଏହି ଭିଡ଼ିଓ ଦେଖାଇ ତାଙ୍କୁ ବ୍ଲାକ୍‌ମେଲିଂ କରିଥିବା ଅଭିଯୋଗ ହୋଇଛି। ଭଣ୍ଡବାବା ନିଜକୁ ଇଞ୍ଜିନିୟର, ଜ୍ୟୋତିଷ ସହ ବାସ୍ତୁ ବିଶାରଦ ଭାବେ ଅନ୍‌ଲାଇନ୍‌ରେ ପ୍ରସାର କରିଥିଲା। ତେଣୁ ରିମାଣ୍ଡରେ ନେଇ ପଚରାଉଚରା କଲେ କେଉଁମାନଙ୍କୁ ସେ ଶିକାର କରି ତାହା ସ୍ପଷ୍ଟ ହେବ। ଏଥିସହ ନୀଳାମ୍ବରର ମୋବାଇଲ୍ ମଧ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଯିବ ବୋଲି ପୁଲିସ କହିଛି।

**ଭିଡିଓ ରେକର୍ଡିଂକୁ ନେଇ କରୁଥିଲେ ବ୍ଲାକ୍‌ମେଲିଂ**

## ଶଶୀଭୂଷଣଙ୍କ ଶ୍ରାଦ୍ଧ ବାର୍ଷିକୀ



**ଭୁବନେଶ୍ୱର, ୧୪।୧(ସମିସ):** ପୂର୍ବତନ ପ୍ରଧାନ ଶିକ୍ଷକ ଶଶୀଭୂଷଣ ମହାପାତ୍ରଙ୍କର ୨୫ତମ ଶ୍ରାଦ୍ଧ ବାର୍ଷିକୀ ତଥା ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବୈରାଗୀ ଚରଣ ତ୍ରିପାଠୀ, କୁବେର ସ୍ୱାଇଁ, ବାନାମ୍ବର ନନ୍ଦ, ମୀନକେତନ ସ୍ୱାଇଁ ଏବଂ ହରି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ବିଗତ ଦିନର ଅନୁଭୂତି ଓ ସ୍ମୃତି ବଖାଣିଥିଲେ। ଏହି ଅବସରରେ ସ୍ମରଣିକା 'ନମାମି ଶଶିଭୂଷଣମ୍' ଉନ୍ମୋଚିତ ହୋଇଥିଲା। ଏହି ସଭାରେ, ସ୍ୱର୍ଗତ ମହାପାତ୍ରଙ୍କ ସହଧର୍ମିଣୀ ସୁପ୍ରଭା ଦେବୀ, ପୁଅ ଶୁଭେନ୍ଦୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାରାଦିନ ପର୍ଯ୍ୟଟନସ୍ଥଳୀରେ 'ବଣଭୋଜି' ଉତ୍ସବ

**ଭୁବନେଶ୍ୱର, ୧୪।୧(ସମିସ):**

ଚାଲିଛି ପର୍ଯ୍ୟଟନ ଋତୁ। ରାଜଧାନୀ ତଥା ରାଜଧାନୀ ଉପକଣ୍ଠରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭିଡ଼ ପରିଲକ୍ଷିତ ହେଉଛି। ଜାନୁଆରୀର ଦ୍ୱିତୀୟ ରବିବାର ପାଇଁ ରାଜଧାନୀର ପ୍ରମୁଖ ପର୍ଯ୍ୟଟନସ୍ଥଳ ତଥା ଶିଖରଚଣ୍ଡୀ, ଜୟଦେବ ବାଟିକା, ନନ୍ଦନକାନନ, ଝୁମୁକା, ଡେରାସ ଆଦି ବିଭିନ୍ନ ପର୍ଯ୍ୟଟନସ୍ଥଳରେ ପ୍ରତିଦିନ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

ରାଜଧାନୀ ଉପକଣ୍ଠସ୍ଥିତି ଡେରାସ ଡ୍ୟାମ୍ ନିକଟରେ ରବିବାର ସକାଳୁ ବଡ଼ଭୋଜି ପାଇଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କେବଳ ଭୁବନେଶ୍ୱର କିମ୍ବା ଏହାର ଉପକଣ୍ଠବର୍ତ୍ତୀ ଲୋକେ ନୁହନ୍ତି କଟକ, ଖୋର୍ଦ୍ଧା ଆଦି ଅଞ୍ଚଳରୁ ଅଧିକାଂଶ ପର୍ଯ୍ୟଟକଙ୍କୁ ଏଠାରେ ଦେଖିବାକୁ ମିଳିଥିଲା। ବିଭିନ୍ନ ଜିଲ୍ଲା ତଥା ଓଡ଼ିଶା ବାହାରୁ ପର୍ଯ୍ୟଟକ ଏଠାକୁ ଆସିଥିଲେ। ସକାଳ ୬ଟାରୁ ଲୋକ ଭୋଜି ପାଇଁ ଏଠାରେ ବୁକିଂ କରିବାକୁ ଲାଇନ ଲଗାଇଥିଲେ। ପୂର୍ବରୁ ଡେରାସ୍‌ର ସମସ୍ତ ପିଣ୍ଡି ବୁକ୍ ହୋଇଯାଇଥିବାରୁ ଅନେକ ଲୋକେ ବାହାରେ ବଣଭୋଜି କରୁଥିବା ଦେଖିବାକୁ ମିଳିଥିଲା। ଏମିତି କି ଝୁମୁକା ଅଞ୍ଚଳରେ ଥିବା ବିଭିନ୍ନ ଫାର୍ମ ହାଉସ୍‌ଗୁଡ଼ିକରେ ମଧ୍ୟ ଭୋଜିଭାତ



ଲାଗି ରହିଥିଲା। ପର୍ଯ୍ୟଟକମାନେ ନାଚଗୀତରେ ମସ୍‌ଗୁଲ୍ ଥିଲେ। ବିଶେଷକରି ସରକାରୀ କର୍ମଚାରୀମାନେ ସପରିବାରେ ଏଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କଲେଜ ଓ ସ୍କୁଲର ପୁରାତନ ବ୍ୟାଚର ବନ୍ଧୁମିଳନ ସହିତ ପରିବାର ସହିତ ବି ଅଧିକାଂଶ ଆସିଥିବାର ଦେଖିବାକୁ ମିଳିଥିଲା। କିଏ ନିଜ ପରିବାର ସହ ଏଠାରେ ସମୟ ବିତାଉଛନ୍ତି ତ ଆଉ କେହି ସାଙ୍ଗସାଥୀଙ୍କ ସହ ସେଲ୍‌ଫିର ମଜା ନେଉଥିବାର ଦୃଶ୍ୟ ସହ ଭୋଜିର କୋଳାହଳରେ ପୂରି ଉଠିଥିଲା ଡେରାସ। ବଣଭୋଜି ସାଙ୍ଗକୁ ଡେରାସର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ବୋଟିଂର ମଜା ନେଉଥିଲେ ପର୍ଯ୍ୟଟକ। ବିଭିନ୍ନ ସ୍କୁଲ ଓ କଲେଜରେ ମଧ୍ୟ ପିକ୍‌ନିକ୍‌ରେ ପିଲାଙ୍କୁ ଏଠାକୁ ବୁଲାଇବା ପାଇଁ ଆସିଥିଲେ। ଡେରାସ ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ କର୍ମଚାରୀ ମୁତୟନ କରାଯାଇଥିଲା। ପ୍ରତିଘଣ୍ଟାରୁ ଦେଢ଼ଘଣ୍ଟା ମଧ୍ୟରେ ଚନ୍ଦକା ପୁଲିସର ଏକ ଟିମ୍ ପଇଁତରା ମାରୁଥିଲା। ସେହିଭଳି ରବିବାରକୁ ଦୃଷ୍ଟିରେ ରଖି ଜୟଦେବବାଟିକାରେ ମଧ୍ୟ ସମସ୍ତ ପିଣ୍ଡି ଆଗୁଆ ବୁକିଂ ସରିଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକ ଜୟଦେବ ବାଟିକାରେ ଟିକ୍ ବୁକିଂ କରିବା ପାଇଁ ଲମ୍ବା ସମୟ ଧାଡ଼ିରେ ଠିଆ ହୋଇଥିଲେ। ଏଥିସହିତ ଖଣ୍ଡଗିରି, ଉଦୟଗିରି, ଶିଖରଚଣ୍ଡୀ, ନନ୍ଦନକାନନରେ ପର୍ଯ୍ୟଟକଙ୍କ ଭିଡ଼ ପୂର୍ବଦିନ ଅପେକ୍ଷା ଯଥେଷ୍ଟ ଅଧିକ ଥିଲା। ସମସ୍ତ ପର୍ଯ୍ୟଟନ ସ୍ଥଳରେ ଥିବା ବଣଭୋଜି ପିଣ୍ଡିଗୁଡ଼ିକ ପୂର୍ବରୁ ବୁକିଂ ହୋଇଯାଇଥିବାରୁ ଅନେକ ପର୍ଯ୍ୟଟକ ବାହାରେ ଭୋଜିଭାତ କରିଥିଲେ।

## କଳାଭୂମିରେ ତୃତୀୟ ପଥ ଉତ୍ସବ

**ଭୁବନେଶ୍ୱର, ୧୪।୧(ସମିସ):** ଚଳିତ ସିଜନ୍‌ର ଶେଷ ତଥା ତୃତୀୟ ପଥ ଉତ୍ସବ କଳାଭୂମିରୁ ମଧୁସୂଦନ ନଗର ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ରବିବାର ୨୧ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ବିଏମ୍‌ସି ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଗତକାଲି ବିଏମ୍‌ସି ଅତିରିକ୍ତ କମିସନର-୧ ସୂର୍ଯ୍ୟବଂଶୀ ମୟୂର ବିକାଶ ରାଜଧାନୀରେ ଶେଷ ମହୋତ୍ସବ ପାଇଁ ଦକ୍ଷିଣ-ପୂର୍ବ ଜୋନରେ ଦୁଇରୁ ୩ଟି ସ୍ଥାନ ପରିଦର୍ଶନରେ ଯାଇଥିଲେ। ଟ୍ରାଫିକ୍, ସୁରକ୍ଷା, ପାର୍କିଂ ପ୍ରଭୃତି ଦିଗ ଉପରେ ତର୍ଜମା କଲାପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଦକ୍ଷିଣ-ପଶ୍ଚିମ ଜୋନର କିଛି ହାତଗଣତି ସ୍ଥାନକୁ ଛାଡ଼ି ଦେଲେ ବାକି ସବୁଠି ରାସ୍ତା କାମ ଚାଲିଛି। ଖଣ୍ଡଗିରି ଛକ ନିକଟରୁ ଜାଗମରା ଯାଏଁ ରାସ୍ତାରେ ଏହି ଉତ୍ସବ କରିବ ଆୟୋଜନ କରିବାର ବହୁ ସମ୍ଭାବନା ରହିଥିଲା। ହେଲେ ୱାଟ୍‌କୋ ଦ୍ୱାରା ଜାରି ରହିଥିବା କାମ ଏଥିରେ ବାଧକ ଥିବା ଜଣାପଡ଼ିଛି। ସେହିପରି ଖଣ୍ଡିଗିରି ପାହାଡ଼ର ମୁହାଣ ପଟ ରାସ୍ତାରେ ଅର୍ଥାତ୍ କଳିଙ୍ଗ ଷ୍ଟୁଡିଓ ରାସ୍ତା ହେଉ କିମ୍ବା ତପୋବନ ହାଇସ୍କୁଲ୍ ନିକଟରେ ଏହାକୁ କରାଯିବାକୁ ଅଧିକାରୀ ଆଲୋଚନ କରିଥିଲେ। ତେଣୁ ଦକ୍ଷିଣ ପଶ୍ଚିମ ଜୋନର କେଉଁ ସ୍ଥାନରେ ପଥ ଉତ୍ସବ କରାଯିବ ସେନେଇ ଆଶଙ୍କା ପ୍ରକାଶ ପାଇଥିଲା। ଅନ୍ୟପଟେ ଗତବର୍ଷ ରଥରୋଡରେ ପଥଉତ୍ସବ କରାଯାଇଥିଲା। ହେଲେ ଚଳିତବର୍ଷ ସେଠାରେ ରାସ୍ତା କାମ ସହ କଲଭର୍ଟ କାମ ଜାରି ରହିଛି। ତେଣୁ ସେଠାରେ ମଧ୍ୟ ଚଳିତବର୍ଷ ପଥ ଉତ୍ସବ କରିବା ଏକ ପ୍ରକାର ଅସମ୍ଭବ ହେଉଛି।

## ଗଡ଼ିଲା ଅର୍ପଣ ରଥ: ଗାଁ ଦାଣ୍ଡ ଉତ୍ସବମୁଖର



**ପାହାଲ, ୧୪।୧ (ସମିସ):** ଭୁବନେଶ୍ୱର ମହାନଗର ନିଗମର ୪ନମ୍ବର ୱାର୍ଡରେ ଜୟ ଜଗନ୍ନାଥ ଅର୍ପଣ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ବଙ୍ଗୁଆରୀ ଗ୍ରାମରେ ପହଞ୍ଚି ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ଗ୍ରାମରେ ମହିଳାମାନେ ଗାଁ ଦାଣ୍ଡରେ ରଙ୍ଗୀନ ମୁରୁଜ ପକାଇ ଭକ୍ତିଭାବନା ନେଇ ଅର୍ପଣ ରଥକୁ ଅପେକ୍ଷା କରିଥିଲେ। ଏହି ପରିକ୍ରମା କାର୍ଯ୍ୟକ୍ରମକୁ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ଅକ୍ଷୟ କୁମାର ଲେଙ୍କା ଓ ବିଭିନ୍ନ ଗ୍ରାମର ବୟୋଜ୍ୟେଷ୍ଠ ଓ ଯୁବଗୋଷ୍ଠୀମାନେ ପରିଚାଳନା କରିଥିଲେ। ଉକ୍ତ ଅର୍ପଣ ରଥକୁ ଗ୍ରାମର ମହିଳାମାନେ ଜୟ ଜଗନ୍ନାଥ ଓ ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ କରିବା ସହ ଅକ୍ଷତ, ଗୁଆ, ନଡିଆ ଓ ଦକ୍ଷିଣା ଆଦି ପ୍ରଦାନ କରି ସ୍ୱାଗତ କରିଥିଲେ।

## 'ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ବିରାଟ ଭବିଷ୍ୟତ ରହିଛି'

**ଭୁବନେଶ୍ୱର, ୧୪।୧(ସମିସ):** ନିକଟ ଭବିଷ୍ୟତରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଏହି କ୍ଷେତ୍ରରେ ସ୍ଥାପିତ ହେବାକୁ ଯାଉଛି। ସେଥିପାଇଁ ପ୍ରତ୍ୟେକ ବର୍ଗର କର୍ମଚାରୀ ଆବଶ୍ୟକ। ତେଣୁ ବର୍ତ୍ତମାନ ଯୁବବର୍ଗ ଏହି କ୍ଷେତ୍ରରେ ନିଜର କ୍ୟାରିଅର ଗଢ଼ି ତୋଳିବା ପାଇଁ ଅନେକ ସୁଯୋଗ ରହିଛି। ଆଇୟୁସିଏ ପୁନେର ଅବସରପ୍ରାପ୍ତ ପ୍ରଫେସର୍ ତଥା ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ରଞ୍ଜନ ଗୁପ୍ତା ରବିବାର ସାମନ୍ତ ଚନ୍ଦ୍ରଶେଖର ଆଗ୍ରହୀ ଜୋର୍ତିବିଜ୍ଞାନ ପରିଷଦର ୩୦ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।




୩ ଜଣଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ଜୋତିର୍ବିଜ୍ଞାନ ସମ୍ମାନ'

ପରିଷଦର ସଭାପତି ପ୍ରଫେସର ଲକ୍ଷ୍ମୀଧର ଶତପଥୀଙ୍କ ଅଧ୍ୟକ୍ଷତାରେ ପ୍ରଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ(ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ କରୁଣାକର ନନ୍ଦ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପ୍ରଫେସର ବି ସି ପରିଜା, ସୁରେଶ ପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ୨୦୨୩ ମସିହା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପୂର୍ବତନ ଅଧ୍ୟାପକ ତଥା ଆମେରିକାର ଉତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ, ପ୍ରଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଅବସରପ୍ରାପ୍ତ ପ୍ରଫେସର୍ ଅଜିତ ଶ୍ରୀବାସ୍ତବ, ପଠାଣି ସାମନ୍ତ ପ୍ଲାନେଟାରିୟମର ପୂର୍ବତନ ଉପ ନିର୍ଦ୍ଦେଶକ ଡ଼ ଶୁଭେନ୍ଦୁ ପଟ୍ଟନାୟକଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ଜୋତିର୍ବିଜ୍ଞାନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ଅନୁଷ୍ଠାନର ବାର୍ଷିକ ସମ୍ବାଦ ଓ ସୂଚନା ପତ୍ରିକା କାର୍ଯ୍ୟକ୍ରମକୁ ନିରାକାର ସାହୁ, କାଦମ୍ବିନୀ ଦାସ, ଜି ବି ପ୍ରଧାନ, ପି କେ ପାଣିଗ୍ରାହୀ, ରବୀନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ।

## ୫୦ କୋଟିର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର/ପାହାଲ, ୧୪।୧(ସମିସ):**

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଏମସି ୱାର୍ଡ ନମ୍ବର ୪ରେ ଥିବା ମିଲେନିୟମ ସିଟି, ପାହାଳ ନାରାୟଣ ଚଣ୍ଡୀ ରୋଡ, ଶିବଶକ୍ତି ନଗର, ଭାରତ ଭିଲା ଏବଂ ୱାର୍ଡ ନମ୍ବର ୫ସମେଇଗଡ଼ିଆରେ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ବିଭିନ୍ନ କଚ୍ଚା ପକ୍କା ରାସ୍ତାର ନବୀକରଣ ଏବଂ ଡ୍ରେନ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡିକ ପାଇଁ ସ୍ଥାନୀୟ ବାସିନ୍ଦାଙ୍କର ବହୁ ଦିନରୁ ଦାବି ରହି ଆସିଥିଲା। ଏହା ଆଜି ପୁରଣ ହେବା ଦ୍ୱାରା ସ୍ଥାନୀୟ ଆଖ ପାଖ ଅଞ୍ଚଳରେ ଲାଗିରହିଥିବା ଜଳବନ୍ଦୀ ସମସ୍ୟା ସମାଧାନ ହୋଇପାରିବା ସହିତ ଗମନାଗମନ ଏବଂ ଯାତାୟାତ ବ୍ୟବସ୍ଥା ଆହୁରି ସୁଦୃଢ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଏହାସହ ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ କୃତଜ୍ଞତା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମେୟର୍ ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହ୍ନର, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ଯୁବନେତା ଅକ୍ଷୟ କୁମାର ଲେଙ୍କା, ଅନୁପ ଖୁଣ୍ଟିଆ, ଆଦିକନ୍ଦ ରାଉତ, ସନ୍ତୋଷ ମହାନ୍ତି, କିଶୋର ମଙ୍ଗରାଜ, ନିର୍ମଳ ରାଉତ, ଦିଲ୍ଲୀପ ମଙ୍ଗରାଜ, ଲକ୍ଷ୍ମଣ ଖଟୁଆ, ପଦ୍ମନାଭ ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ଗୌତମ ନାୟକ, ବ୍ରହ୍ମାନନ୍ଦ ଦଣ୍ଡପାଟ, ସରୋଜ କୁମାର ନାୟକ, ପ୍ରତାପ ପଟ୍ଟନାୟକ ଚୈତନ୍ୟ ଦାସ ଯୋଗ ଦେଇଥିଲେ।



## ତୀର୍ଥକ୍ଷେତ୍ର ସ୍ୱଚ୍ଛତା ଅଭିଯାନ

**ଭୁବନେଶ୍ୱର, ୧୪।୧(ସମିସ):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୩ଟି ଜୋନରେ ତୀର୍ଥକ୍ଷେତ୍ର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲିଙ୍ଗରାଜ ମନ୍ଦିର, ଶୈଳଶ୍ରୀ ବିହାର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଓ ଖଣ୍ଡଗିରିରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ, ସ୍ୱଚ୍ଛତାକର୍ମୀ ଏବଂ ବିଏମ୍‌ସି ଅଧିକାରୀ ସାମିଲ ହୋଇଥିଲେ। ଏହି ସ୍ୱଚ୍ଛତା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଜଧାନୀରେ ଥିବା ତୀର୍ଥସ୍ଥାନ ଏବଂ ଦର୍ଶନୀୟ ସ୍ଥାନକୁ ସ୍ୱଚ୍ଛ ରଖିବା। ଏହି ଅବସରରେ ଏହି ସ୍ଥାନଗୁଡ଼ିକୁ ସଫା କରାଯାଇଥିଲା।

## ସିଟି ମହିଳା ମହାବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ

**ଭୁବନେଶ୍ୱର, ୧୪।୧(ସମିସ):** ସିଟି ମହିଳା ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିନୟିନୀ ଜେନା ଯୋଗଦେଇଥିଲେ। ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ସଦସ୍ୟା ଦେବସ୍ମିତା ଦାସ, ବିଜୁଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, କର୍ପୋରଟର ଶ୍ରୀଧର ବେହେରା, ପୂର୍ବତନ କର୍ପୋରଟର ସୁଜିତ ସ୍ୱାଇଁ ମଧ୍ୟ ସାମିଲ ହୋଇଥିଲେ। '୫-ଟି' ଉପକ୍ରମରେ ନିର୍ମିତ ଶ୍ରେଣୀ ଗୃହକୁ ଅତିଥିମାନେ ଉଦ୍‌ଘାଟନ କରଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ସୂର୍ଯ୍ୟସ୍ନାତା ଶତପଥୀ କାର୍ଯ୍ୟକ୍ରମର ସଭାପତିତ୍ୱ ଓ ଅଧ୍ୟାପିକା ସ୍ମିତାଞ୍ଜଳି ମହାନ୍ତି ସଞ୍ଚାଳନ କରିଛନ୍ତି।



